Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୧୬
Volum. - 21 ■ Issue No.- 16
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com

KOSHALA PRABAHA
# କୋଶଳ ପ୍ରବାହ

R.N.I.No.: ODIODI/2000/03637 / ୨୮ ଫେବୃଆରୀ - ୦୬ ମାର୍ଚ୍ଚ ୨୦୨୧ / 28 Feb. - 06 Mar. 2021 / Odia Weekly / 8 Pages / Rs.2/- only

## ବଲାଙ୍ଗିରରେ ଜିଲ୍ଲା ସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ : ସମ୍ମିଳିତ ଉଦ୍ୟମ ଓ ସମନ୍ୱୟରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ଉପରେ ଗୁରୁତ୍ୱାରୋପ




ବଲାଙ୍ଗିର, (ନିପ୍ର) : ଆଜି ପୂର୍ବାହ୍ନରେ ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ ହୋଇଯାଇଛି । ଏହି ସମାରୋହରେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଭାରତୀ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ । ଜିଲ୍ଲାପାଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ, ପିଡି ଡିଆରଡିଏଙ୍କ ସହ ଅନ୍ୟାନ୍ୟ ଉପସ୍ଥିତ ଅତିଥି ଗଣ ମଧ୍ୟ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଂଜଳି ପ୍ରଦାନ କରିଥିଲେ । ପରେ ଏହି ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଶ୍ରୀମତୀ ମହାନନ୍ଦ ଗ୍ରାମାଂଚଳରେ ବିଭିନ୍ନଯୋଜନା ଗୁଡ଼ିକର ସଫଳ ରୂପାୟନ ଏବଂ ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ନିମନ୍ତେ ସମ୍ମିଳିତ ଉଦ୍ୟମ ଓ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଗ୍ରାମାଂଚଳରେ ଥିବା ସମସ୍ୟା ଗୁଡ଼ିକର ସମାଧାନ କରିବା ନିମନ୍ତେ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ । ସଭାରେ ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ପଞ୍ଚାୟତରାଜ ଅନୁଷ୍ଠନ ଗୁଡ଼ିକୁ ଦିଆଯାଇଥିବା କ୍ଷମତାର ସୁବିନିଯୋଗ ମାଧ୍ୟମରେ ଗ୍ରାମାଂଚଳରେ ଥିବା ବିଭିନ୍ନ ସମସ୍ୟା ଗୁଡ଼ିକର ସମାଧାନ ତଥା ଜନସାଧାରଣଙ୍କ ଉନ୍ନତି କଳ୍ପେ ଉନ୍ନୟନମୂଳକ ଓ ଲୋକାଭିମୁଖୀ ଯୋଜନାଗୁଡ଼ିକର ସଫଳ ରୂପାୟନ କରିବା ଦିଗରେ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ । ସଭାରେ ପିଡ଼ି ଡିଆରଡିଏ ଡ. ମହେଶ୍ୱର ସ୍ୱାଇଁ ପଞ୍ଚାୟତରାଜ ଲୋକସେବା ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରିବା ସହ ଗ୍ରାମାଂଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଗୁଡ଼ିକର ସଫଳ କାର୍ଯ୍ୟକାରିତା ଓ ରୂପାୟନ ଦିଗରେ ପଞ୍ଚାୟତରାଜ ଅନୁଷ୍ଠାନ ଗୁଡ଼ିକର ଭୂମିକା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ବକ୍ତା ଭାବେ ସଭାରେ ଯୋଗଦେଇ ରାଜେନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ରାଜନୀତି ବିଜ୍ଞାନ ରିଡ଼ର୍ ଡ. ସୁଧାଂଶୁ ଶେଖର ପଟ୍ଟନାୟକ ଓ ସରକାରୀ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ବିଭାଗୀୟ ମୁଖ୍ୟ ଡ. ମନୋଜ କୁମାର ନାଗ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୀବନାଦର୍ଶ, ପଞ୍ଚାୟତିରାଜ ବ୍ୟବସ୍ଥାର ପୃଷ୍ଠଭୂମି, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଓ ଏହାର କାର୍ଯ୍ୟକାରିତା, ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ଭୂମିକା ଆଦି ସଂପର୍କରେ ବକ୍ତବ୍ର ପ୍ରଦାନ କରିଥିଲେ ।

ସଭାରେ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳନ ସଂପର୍କରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କୁ ଦେଇଥିବା ଭିଡ଼ିଓ ବାର୍ତ୍ତା ପ୍ରଦର୍ଶିତ ହେବା ସହ ବିଭିନ୍ନ ବିଭାଗ ଜରିଆରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ ଓ ଲୋକାଭିମୁକୀ ଯୋଜନା ସଂପର୍କୀତ ସଫଳ କାହାଣୀ ପାୱାର ପଏଣ୍ଟ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିବା ସହ ସଭାକାର୍ଯ୍ୟ ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ପବିତ୍ର ମହାଶିବରାତ୍ରି ପର୍ବ ପାଳନ ପାଇଁ ଉପ-ଜିଲ୍ଲାପାଳଙ୍କ ଜରୁରୀ ଘୋଷଣା

ବଲାଙ୍ଗିର, (କେପିଏନ୍ଏସ୍) : ପବିତ୍ର ମହାଶିବରାତ୍ରି ପର୍ବ ପାଳନ ପାଇଁ ଉପ-ଜିଲ୍ଲାପାଳଙ୍କ ଜରୁରୀ ଘୋଷଣା କରିଛନ୍ତି । ବଲାଙ୍ଗିର ସହର ସମେତ ବଲାଙ୍ଗିର ଉପଖଣ୍ଡ ସ୍ଥିତ ସମସ୍ତ ଶିବ ମନ୍ଦିର କମିଟି ସଦସ୍ୟ, ପୃଷ୍ଠପୋଷକ ଏବଂ ଜନସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣାରେ କୁହାଯାଇଛି ଯେ, ଚଳିତ ବର୍ଷ (୨୦୨୧) ପବିତ୍ର ମହାଶିବରାତ୍ରି ପର୍ବ ପାଳନ ମହାମାରୀ କରୋନା ସଂକ୍ରମଣ ମୁକାବିଲା ପାଇଁ ଜାରି ରହିଥିବା କଟକଣା ହେତୁ ତଥା ରାଜ୍ୟ ସରକାରଙ୍କ କୋଭିଡ୍ ଗାଇଡ୍ ଲାଇନ୍ ଅନୁଯାୟୀ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ନିରାଡମ୍ବରଯୁକ୍ତ ବିନା ଭକ୍ତ ଜନସମାବେଶରେ କେବଳ ବିଧିରକ୍ଷା ପୂର୍ବକ ମନ୍ଦିର ପରିସରରେ ଅନୁମତି ପ୍ରାପ୍ତ ମନ୍ଦିର ସେବାୟତମାନେ (୭ଜଣ), ମାସ୍କ ପରିଧାନ ଓ ସାମାଜିକ ଦୂରତା ଅବଲମ୍ବନ କରି ଯଥା ରୀତିନୀତି ଅନୁଯାୟୀ ଶିବରାତ୍ରି ପୂଜା ସଂପନ୍ନ କରିବେ । ତେଣୁ ସମସ୍ତ ଜନସାଧାରଣ ଏବଂ ଶ୍ରଦ୍ଧାଳୁବୃନ୍ଦଙ୍କୁ ଅନୁରୋଧ କରାଯାଇଛି ଯେ, ଆସନ୍ତା ତା୧୧/୦୩/୨୦୨୧ରିଖ ପବିତ୍ର ମହାଶିବରାତ୍ରି ଦିନ ଅଯଥା ଶିବାଳୟ ଗୁଡ଼ିକରେ ଭିଡ଼ ନ କରି ନିଜ ନିଜ ଘରେ ନିଜ ପରିବାର ସହିତ ଏହି ପର୍ବ ପାଳନ କରିବେ । ତେବେ ସହର ଓ ଉପଖଣ୍ଡର ଜନସାଧାରଣ ଏ ଦିଗରେ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

## ରାଜ୍ୟ ଗୁଡିକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପତ୍ର : ସୂଚନା ପ୍ରଯୁକ୍ତି (ମଧ୍ୟସ୍ଥ ସଂସ୍ଥାନ ଲାଗି ଦିଶା-ନିର୍ଦ୍ଦେଶ ଏବଂ ଡିଜିଟାଲ ମିଡିଆ ଆଚାର ସଂହିତା) ନିୟମାବଳୀ, ୨୦୨୧ର ଭାଗ ୩ ଅନ୍ତର୍ଗତ ରାଜ୍ୟଗୁଡିକୁ କ୍ଷମତା ପ୍ରଦାନ କରାଯାଇନାହିଁ

ନୂଆଦିଲ୍ଲୀ, (ପିଆଇବି) : ସୂଚନା ପ୍ରଯୁକ୍ତି (ମଧ୍ୟସ୍ଥ ସଂସ୍ଥାନ ଲାଗି ଦିଶା-ନିର୍ଦ୍ଦେଶ ଏବଂ ଡିଜିଟାଲ ମିଡିଆ ଆଚାର ସଂହିତା) ନିୟମାବଳୀ, ୨୦୨୧ର ଭାଗ ୩ ଅଧୀନରେ ସମସ୍ତ କ୍ଷମତା କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଲାଗୁ କରିବ । ଏହି ଭାଗ-୩ରେ ରାଜ୍ୟ ସରକାର, ଜିଲ୍ଲାପାଳ କିମ୍ବା ପୁଲିସ ଆୟୁକ୍ତମାନଙ୍କୁ କୌଣସି କ୍ଷମତା ପ୍ରଦାନ କରାଯାଇନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରି ଦିଆଯାଇଛି । ଆଜି ଏ ସଂକ୍ରାନ୍ତ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ କେନ୍ଦ୍ର

(ସପ୍ତମ ପୃଷ୍ଠା ଦେଖନ୍ତୁ)




## ଠିକା ବିଲ୍‌କୁ ନେଇ ଟଣା ଓଟରା : ପଞ୍ଚାୟତ ସମିତି ଅଧ୍ୟକ୍ଷ ଗିରଫ୍



ପଦ୍ମପୁର, (ନିପ୍ର) : ଠିକା ବିଲ୍‌କୁ ନେଇ ଟଣା ଓଟରା ପରିସ୍ଥିତି ସୃଷ୍ଟି ହେବା ପରେ ଶେଷରେ ପଦ୍ମପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ କୁମରମଣି ନାଏକ ଗିରଫ୍ ହୋଇଥିବା ଜଣାପଡ଼ିଛି । ଏହି ଘଟଣାକୁ ନେଇ ସହରରେ ଚର୍ଚ୍ଚା ଜୋର୍ ଧରିଛି । ମିଳିଥିବା ସୂଚନା ଅନୁସାରେ ପଦ୍ମପୁର ଥାନାରେ ବ୍ଲକ୍ ସହକାରୀ ଯନ୍ତ୍ର ଟେକେଚାନ୍ଦ କାଲୋ ଅଧ୍ୟକ୍ଷ କୁମରମଣି ନାଏକ, ଦୟା ସାହୁ ଏବଂ ତାଙ୍କ ସହଯୋଗୀଙ୍କ ବିରୋଧରେ ତାଙ୍କୁ ମାଡ଼ପିଟ୍ କରିଥିବା ନେଇ ଅଭିଯୋଗ କରିଥିଲେ । ତେବେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିବା ବେଳେ ଗୁରୁବାର ଦିନ ବ୍ଲକ କର୍ମଚାରୀମାନେ ଅଧ୍ୟକ୍ଷଙ୍କ ଗିରଫ୍ ଦାବୀରେ କଲମ ଛାଡ଼ ଆନ୍ଦୋଳନ କରିବା ସହ ଧାରଣାରେ ବସିଥିଲେ । ତେବେ ପଦ୍ମପୁର ପୋଲିସ ଶ୍ରୀ ନାଏକଙ୍କୁ ଗତକାଲି ଅପରାହ୍ନରେ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ଅଧ୍ୟକ୍ଷଙ୍କ ଗିରଫ୍ ପରେ ରାଜନୈତିକ ଉତ୍ତେଜନା ପରିଲକ୍ଷିତ ହୋଇଥିବା ବେଳେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ସାମ୍ବାଦିକ ସମ୍ମିଳନୀରେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିବା ବେଳେ କେବଳ ଅଧ୍ୟକ୍ଷ ଶ୍ରୀ ନାଏକଙ୍କୁ କାହିଁକି ଗିରଫ୍ କରାଗଲା ବୋଲି ପ୍ରଶ୍ନ ଉଠାଇଥିବା ଜଣାପଡ଼ିଛି । ଏହି ଘଟଣାକୁ ନେଇ ଆଗାମୀ ଦିନରେ ଜୋର୍‌ସୋର୍ ଆନ୍ଦୋଳନ ହେବ ବୋଲି ମଧ୍ୟ ସେ ଚେତାବନୀ ଦେଇଥିବା ଜଣାପଡ଼ିଛି ।

## DECLARATION
See Rule - 8 (Form - IV)

| | | |
|---|---|---|
| 1. Title of the Periodical | : | **KOSHALA PRABAHA** |
| 2. Place of Publication | : | Anand Printers<br>Shantipara, Bolangir - 767002 (Odisha) |
| 3. Periodicity of Publication | : | Weekly |
| 4. Editor's Name | : | Ananda Chandra Sahu |
| Nationality | : | Indian |
| Address | : | Shantipara, Bolangir - 767002(Odisha) |
| 5. Publisher's Name | : | Ananda Chandra Sahu |
| Nationality | : | Indian |
| Address | : | Shantipara, Bolangir - 767002(Odisha) |
| 6. Printer's Name | : | Ananda Chandra Sahu |
| Nationality | : | Indian |
| Address | : | Anand Printers<br>Shantipara, Bolangir - 767002(Odisha) |

I, **Ananda Chandra Sahu** declare that the particulars given above are true to the best of my knowledge & belief.

Sd/- Ananda Chandra Sahu
Balangir Publisher

## ସଂପାଦକୀୟ


# ଜଂଗଲରେ ନିଆଁ

ଏବେ ଜଂଗଲରେ ଲାଗିଥିବା ନିଆଁକୁ ନିର୍ବାପିତ କରିବା ଏକ ବିରାଟ ଚାଲେଂଜ ହୋଇ ଠିଆ ହୋଇଛି ଆମ ସମାଜରେ । ଦିନକୁ ଦିନ ଜଂଗଲ ଧ୍ୱଂସ ହେବାରେ ଲାଗିଥିବା ବେଳେ ଏବେ ନିଆଁ ଚାଟି ଯାଉଛି ସାରା ଜଂଗଲ । ଏଥିପାଇଁ ପ୍ରଶାସନ ନାକେଦମ୍ ହୋଇ ପଡୁଥିବା ବେଳେ ବୁଦ୍ଧିଜୀବୀ ମହଲରେ ମଧ୍ୟ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହେଉଛି । ସେପଟେ କେନ୍ଦ୍ର ସରକାର ମଧ୍ୟ ଚିନ୍ତା ପ୍ରକଟ କରିବା ସହ ଆଇନ ପ୍ରଣୟନ କରିବାରେ ଲାଗିଛନ୍ତି ।

ଏଠାରେ ଉଲ୍ଲେଖ କରିବାର ବିଷୟ ହେଲା, ଜଂଗଲରେ ଲାଗିଥିବା ନିଆଁକୁ ଲିଭେଇବା ପାଇଁ କିଏ କିଏ ସକ୍ଷମ ହୋଇପାରିବେ, ସେ ଦିଗରେ ଚିନ୍ତା କରାଯାଇପାରେ । କୁହାଯାଇଛି, ଯେତେଦିନ ପର୍ଯ୍ୟନ୍ତ ଗ୍ରାମବାସୀମାନେ ଜଂଗଲ ସୁରକ୍ଷା ପ୍ରତି ବ୍ରତୀ ହେବା ସହ ଜଂଗଲରେ ବ୍ୟାପୁଥିବା ନିଆଁକୁ ଆୟତ୍ତ କରିବାକୁ ଆଗଭର ନ ହେବେ, ସେତେଦିନ ପର୍ଯ୍ୟନ୍ତ ଜଂଗଲ ଧ୍ୱଂସକୁ ରୋକାଯାଇ ପାରିବ ନାହିଁ । ଏ ଦିଗରେ ସରକାର ବି ପଦକ୍ଷେପ ଗ୍ରହଣ କରିଛନ୍ତି । ଗ୍ରାମବାସୀଙ୍କୁ ସଚେତନ କରାଯାଇ ଜଂଗଲର ବିଭିନ୍ନ ପ୍ରକାର ଉପାଦେୟତା ସଂପର୍କରେ ନାନା ପ୍ରକାର କର୍ମଶାଳା ମାନ ଆୟୋଜନ ମଧ୍ୟ ଚାଲିଛି । କିନ୍ତୁ ତଥାପି ଯେତେ ମାତ୍ରାରେ ଲୋକେ ସଚେତନ ହେବା ଉଚିତ, ସେତେ ମାତ୍ରାରେ ହୋଇ ପାରୁନାହାନ୍ତି, ଏହାର କାରଣ ଖୋଜିବା କାମ ବାକି ରହିଛି ଏତେବେଳ ଯାଏଁ ନିଶ୍ଚୟ । ଏବେ ଏବେ କିଛି ଖବର ଆମର ହାତକୁ ଆସୁଛି । ସାଧାରଣ ଲୋକେ ଜଂଗଲରେ ଲାଗିଥିବା ନିଆଁ ନିର୍ବାପିତ କରିବା ପାଇଁ ସମୟ ସମୟରେ ପଦକ୍ଷେପ ଗ୍ରହଣ କରୁଛନ୍ତି, ଯାହା ନିଶ୍ଚୟ ସମାଜ ସୁରକ୍ଷା ଦିଗରେ ଶୁଭ ଲକ୍ଷଣ ବୋଲି ଛାତିରେ ହାତ ଦେଇ କୁହାଯାଇ ପାରିବ । ଯେତେବେଳେ ସମସ୍ତ ଜନସାଧାରଣ ଏ ଦିଗରେ ପଦକ୍ଷେପ ନେବା ନିଜ ନିଜର ପରମ କର୍ତ୍ତବ୍ୟ ବୋଲି ଚିନ୍ତା କରିବେ, ସେତେବେଳେ ବୋଧହୁଏ ଜଂଗଲରେ ନିଆଁ ବ୍ୟାପିବା କମ୍ ହେବ ଏବଂ ଜଂଗଲ ସୁରକ୍ଷାର ଉତ୍ତମ ଦିଗ ଉନ୍ମୋଚିତ ହୋଇପାରିବ ।


ନିକଟରେ କେନ୍ଦୁପତ୍ର ସଂଗ୍ରହ ଅଭିଯାନ ଆଧାରରେ ଗୋଛା ପୋଡ଼ିବା କାମରୁ ଜଂଗଲକୁ ନିଆଁ ବ୍ୟାପୁଥିବାର ଖବର ସାରା ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲା । ଯଦି ଜଂଗଲ ବିଭାଗର ଏକ ଶାଖା ବିଭାଗ ଜଂଗଲରେ ନିଆଁ ଲଗେଇବାକୁ ଆଗଭର ହେଉଛି, ତେବେ ତା'ଠାରୁ ବଡ଼ ଦୁର୍ଭାଗ୍ୟର ବିଷୟ ଅନ୍ୟ କିଛି ହୋଇ ନପାରେ । ଏଥିପ୍ରତି ବିଭାଗ ତଥା ଜନସାଧାରଣ ବିଶେଷ ଭାବରେ ସଚେତନ ହେବା ନିହାତି ଆବଶ୍ୟକ । ଆସନ୍ତୁ ଆମେ ସମସ୍ତେ ମିଶି ଜଂଗଲ ସୁରକ୍ଷା ପାଇଁ ପ୍ରତିଜ୍ଞା ନେବା ଏବଂ ଜଂଗଲରେ ବ୍ୟାପୁଥିବା ନିଆଁକୁ କଳେ ବଳେ କୌଶଳେ ଆୟତ୍ତ କରି ଏକ ସୁସ୍ଥ ସମାଜ ଗଠନ ପାଇଁ ପାଦ ବଢ଼େଇବା ।

## ଯୁଗସ୍ରଷ୍ଟା ତଥା ଦୂରଦ୍ରଷ୍ଟା ମହାନ୍ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜନ୍ମଦିନ



ଯୁଗସ୍ରଷ୍ଟା ତଥା ଦୂରଦ୍ରଷ୍ଟା ମହାନ୍ ଜନନାୟକ ବିଜୁ ପଟ୍ଟନାୟକଙ୍କ ମାର୍ଚ୍ଚ ୫ରେ ଜନ୍ମଦିନ । ଏହି ଅବସରେ ସାରା ଓଡ଼ିଶାରେ ପାଳିତ ହୋଇଛି ପଞ୍ଚାୟତିରାଜ ଓ ଲୋକସେବା ଦିବସ । ସେ ଜଣେ ଏଭଳି ଜନନାୟକ ଥିଲେ, ଯାହାଙ୍କର ସ୍ୱପ୍ନ ଥିଲା ଓଡ଼ିଶା ମାଟିର ସାମୁହିକ ସମୃଦ୍ଧି । ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓଡ଼ିଆ ଜାତିର ଗର୍ବ ଗୌରବ । ଓଡ଼ିଶାର ଉନ୍ନତି ପାଇଁ ଆଜୀବନ ପ୍ରଚେଷ୍ଟାରତ ଜଣେ ମହାନ୍ ନାୟକଙ୍କୁ ତାଙ୍କ ଜନ୍ମଦିନରେ ଆଜି ମନେପକାଉଛି ଓଡ଼ିଶା ମାଟି । ଆସିକାରେ ୧୯୧୬ ମସିହା ମାର୍ଚ୍ଚ ୫ ତାରିଖ ଦିନ ସେ ଜନ୍ମଗ୍ରହଣ କରିଥିଲେ ଓ ସାରା ଓଡ଼ିଶାବାସୀଙ୍କ ପାଇଁ ଏକ ସାକାର ରାଜ୍ୟ ଗଠନରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ଓଡ଼ିଶା ପାଇଁ ତାଙ୍କ ଅବଦାନ ଅତୁଳନୀୟ । ଜଣେ ସାହାସୀ, ସ୍ୱାଭିମାନୀ ତଥା ମାଟିପ୍ରେମୀ ମଣିଷ ଭାବରେ ତାଙ୍କ ପ୍ରତିଭାକୁ ଏ ମାଟି ଯୁଗ ଯୁଗ ଧରି ଛାତିରେ ଭିଡ଼ି ଧରିବ ନିଶ୍ଚୟ । ତାଙ୍କ ଜନ୍ମଦିନରେ କୋଟି କୋଟି ପ୍ରଣାମ ।

# ଶିକ୍ଷା କ୍ଷେତ୍ରରେ ବଜେଟ ବ୍ୟୟବରାଦର କାର୍ଯ୍ୟକାରିତା ଉପରେ ଆୟୋଜିତ ୱେବିନାରରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ



ନମସ୍କାର!!!

ଶିକ୍ଷା, ଦକ୍ଷତା, ଗବେଷଣା ଏହିପରି ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରୁ ଯୋଗ ଦେଇଥିବା ଆପଣମାନେ ସମସ୍ତେ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କୁ ଅନେକ ଅନେକ ଅଭିନନ୍ଦନ ।

ଆଜି ଏହି ବିଚାର ଆଲୋଚନା ଏପରି ଏକ ସମୟରେ ହେଉଛି ଯେତେବେଳେ ଦେଶ ନିଜର ବ୍ୟକ୍ତିଗତ, ବୌଦ୍ଧିକ, ଶିଳ୍ପ ଦୃଷ୍ଟିକୋଣ ଏବଂ ପ୍ରତିଭାକୁ ଦିଗ ପ୍ରଦାନ କରୁଥିବା ଇକୋସିଷ୍ଟମକୁ ବଦଳାଇବା ଦିଗରେ ଖୁବ ଦ୍ରୁତ ଗତିରେ ଆଗକୁ ବଢୁଛି । ଏହାକୁ ଆହୁରି ଗତି ଦେବା ଲାଗି ଆପଣମାନଙ୍କ ଠାରୁ ବଜେଟ ପୂର୍ବରୁ ମଧ ପରାମର୍ଶ ଲୋଡା ଯାଇଥିଲା । ନୂତନ ଶିକ୍ଷା ନୀତି ସମ୍ପର୍କରେ ମଧ ଦେଶର ଲକ୍ଷ ଲକ୍ଷ ଲୋକଙ୍କ ସହିତ ବିଚାର-ବିମର୍ଶ କରିବାର ସୌଭାଗ୍ୟ ମିଳିଥିଲା । ଏବେ ଏହାକୁ କାର୍ଯ୍ୟକାରୀ କରିବା ଲାଗି ଆମ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ପଡିବ ।

ବନ୍ଧୁଗଣ,

ଆତ୍ମନିର୍ଭର ଭାରତ ନିର୍ମାଣ ଲାଗି ଦେଶର ଯୁବକମାନଙ୍କ ମଧରେ ଆତ୍ମବିଶ୍ୱାସ ଆସିବା ଅତ୍ୟନ୍ତ ଜରୁରି । ନିଜର ଶିକ୍ଷା, ଜ୍ଞାନ, ଦକ୍ଷତା ଉପରେ ସମ୍ପୂର୍ଣ୍ଣ ଭରସା ଓ ବିଶ୍ୱାସ ରହିଲେ ଯୁବକମାନଙ୍କ ମଧରେ ଆତ୍ମବିଶ୍ୱାସ ଆସିପାରିବ । ତାଙ୍କର ପାଠପଢ଼ା ତାଙ୍କୁ କାମ କରିବା ଲାଗି ଅବସର ଏବଂ ଜରୁରି ଦକ୍ଷତା ପ୍ରଦାନ କରୁଛି ଏହି ଅନୁଭବ ହେଲେ ଯୁବକମାନଙ୍କ ମଧରେ ଆତ୍ମବିଶ୍ୱାସ ଆସିପାରିବ ।

ନୂତନ ରାଷ୍ଟ୍ରୀୟ ଶିକ୍ଷା ନୀତି, ଏହି ଚିନ୍ତାଧାରା ସହିତ ପ୍ରସ୍ତୁତ କରାଯାଇଛି । ପ୍ରି-ନର୍ସରୀଠାରୁ ଆରମ୍ଭ କରି ପିଏଚଡି ପର୍ଯ୍ୟନ୍ତ, ରାଷ୍ଟ୍ରୀୟ ଶିକ୍ଷା ନୀତିର ପ୍ରତ୍ୟେକ ବ୍ୟବସ୍ଥାକୁ ଶୀଘ୍ରାତି ଶୀଘ୍ର ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା ଲାଗି ଏବେ ଆମକୁ ଦ୍ରୁତ ଗତିରେ କାମ କରିବାକୁ ହେବ । କରୋନା କାରଣରୁ ଯଦି ଗତି ସାମାନ୍ୟ ଧିମା ହୋଇଯାଇଛି ତା'ହେଲେ ଏହାର ପ୍ରଭାବରୁ ବାହାରି ଆମକୁ ଆହୁରି ଗତି ବଢ଼ାଇବା ମଧ ଜରୁରି ଏବଂ ଆଗକୁ ବଢ଼ାଇବା ମଧ ଜରୁରି ।

ଚଳିତ ବର୍ଷର ବଜେଟ ମଧ ଏ ଦିଗରେ ଅତ୍ୟନ୍ତ ସହାୟକ ସାବ୍ୟସ୍ତ ହେବ । ଚଳିତ ବର୍ଷର ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ର ବ୍ୟତୀତ ଶିକ୍ଷା, ଦକ୍ଷତା, ଗବେଷଣା ଏବଂ ନବୋନ୍ମେଷ କ୍ଷେତ୍ର ପ୍ରତି ସବୁଠୁ ଅଧିକ ଗୁରୁତ୍ୱାରୋପ କରାଯାଇଛି । ଦେଶର ବିଶ୍ୱବିଦ୍ୟାଳୟ, କଲେଜ ଏବଂ ଗବେଷଣା ଓ ବିକାଶ ସଂଗଠନରେ ଉନ୍ନତ ସମନ୍ୱୟ ଆଜି ଆମ ଦେଶର ସବୁଠୁ ବଡ ଆବଶ୍ୟକତା ପାଲଟିଯାଇଛି । ଏହାକୁ ଧ୍ୟାନରେ ରଖି ଗ୍ଲୁ ଗ୍ରାଣ୍ଟର ବ୍ୟବସ୍ଥା କରାଯାଇଛି, ଯାହାର ଅନ୍ତର୍ଗତ ଏବେ ୯ ସହରରେ ଏଥିପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇପାରିବ ।

ସାଥୀଗଣ,

ଆପ୍ରେଣ୍ଟିସିପ, ଦକ୍ଷତା ବିକାଶ ଏବଂ ଉନ୍ନତିକରଣ ଉପରେ ଏହି ବଜେଟରେ ଯେପରି ଧ୍ୟାନ ଦିଆଯାଇଛି ତାହା ଅଭୂତପୂର୍ବ । ଚଳିତ ବଜେଟରେ ଏହାକୁ ନେଇ ଯେତେ ଅଧିକ ବ୍ୟବସ୍ଥା କରାଯାଇଛି, ଉଚ୍ଚ ଶିକ୍ଷାକୁ ନେଇ ଦେଶର ଆଭିମୁଖ୍ୟରେ ବଡ ପରିବର୍ତ୍ତନ ଆସିବାକୁ ଯାଉଛି । ବିଗତ ବର୍ଷଗୁଡିକରେ ଶିକ୍ଷାକୁ ନିଯୁକ୍ତି ଆଧାରିତ ଏବଂ ଉଦ୍ୟମିତା ସାମର୍ଥ୍ୟ ସହିତ ଯୋଡିବା ଲାଗି ପ୍ରୟାସ କରାଯାଇଛି । ଏହି ବଜେଟ ସେଗୁଡିକୁ ଆହୁରି ବିସ୍ତାର ପ୍ରଦାନ କରିବ ।

ଏହିସବୁ ପ୍ରୟୋଗର ପରିଣାମ ଫଳରେ ଆଜି ବୈଜ୍ଞାନିକ ପ୍ରକାଶନୀ ମାମଲାରେ ଭାରତ ଦୁନିଆର ଶ୍ରେଷ୍ଠ ତିନୋଟି ଦେଶ ମଧରେ ସାମିଲ ହୋଇପାରିଛି । ପିଏଚଡି କରୁଥିବା ଗବେଷକଙ୍କ ସଂଖ୍ୟା ଏବଂ ଷ୍ଟାର୍ଟ ଅପ ଇକୋସିଷ୍ଟମ ମାମଲାରେ ମଧ ଆମେ ଦୁନିଆର ଶ୍ରେଷ୍ଠ ତିନୋଟି ରାଷ୍ଟ୍ର ମଧରେ ସାମିଲ ହୋଇସାରିଛୁ ।

ଗ୍ଲୋବାଲ ଇନୋଭେସନ ଇଣ୍ଡେକ୍ସରେ ଭାରତ ଦୁନିଆର ଶ୍ରେଷ୍ଠ ୫୦ ଅଭିନବ ରାଷ୍ଟ୍ରଗୁଡିକ ମଧରେ ସାମିଲ ହୋଇପାରିଛି । ଆହୁରି ଏଥିରେ ମଧ ନିରନ୍ତର ସୁଧାର ଆସୁଛି । ଉଚ୍ଚ ଶିକ୍ଷା, ଗବେଷଣା ଓ ନବୋନ୍ମେଷକୁ ନିରନ୍ତର ପ୍ରୋତ୍ସାହନ ଫଳରେ ଆମର ଛାତ୍ରଛାତ୍ରୀ ଏବଂ ଯୁବବୈଜ୍ଞାନିକମାନଙ୍କ ପାଇଁ ଅବସର ବୃଦ୍ଧି ପାଇବାରେ ଲାଗିଛି । ଆହୁରି ଭଲ କଥା ହେଉଛି, ଗବେଷଣା ଓ ବିକାଶରେ ଝିଅମାନଙ୍କର ଭାଗିଦାରୀ ମଧ ସନ୍ତୋଷଜନକ ଭାବେ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି ।

ସାଥୀଗଣ,

ପ୍ରଥମ ଥର ଦେଶର ସ୍କୁଲଗୁଡିକରେ ଅଟଳ ଟିଙ୍କରିଂ ଲ୍ୟାବ ଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷା ସଂସ୍ଥାନଗୁଡିକରେ ଅଟକଳ ଇନକ୍ୟୁବେସନ ସେଂଟର ପର୍ଯ୍ୟନ୍ତ ସବୁଦିଗକୁ ଜୋର ଦିଆଯାଉଛି । ଦେଶରେ ଷ୍ଟାର୍ଟଅପ୍ସଗୁଡିକ ପାଇଁ ହ୍ୟାକାଥନର ଏକ ନୂଆ ପରମ୍ପରା ସୃଷ୍ଟି ହୋଇସାରିଛି, ଯାହା ଦେଶର ଯୁବକ ଏବଂ ଇଣ୍ଡଷ୍ଟ୍ରୀ, ଉଭୟ ପାଇଁ ବହୁତ ବଡ ଶକ୍ତି ହୋଇପାରିଛି । ନବୋନ୍ମେଷର ବିକାଶ ଏବଂ ପ୍ରୋତ୍ସାହନ ପାଇଁ ଜାତୀୟ ପ୍ରୟାସ ବଳରେ ସାଢ଼େ ତିନି ହଜାରରୁ ଅଧିକ ଷ୍ଟାର୍ଟଅପ ସୃଷ୍ଟି କରାଯାଇପାରିଛି ।

ସେହିପରି ଜାତୀୟ ସୁପର କମ୍ପ୍ୟୁଟିଂ ମିଶନ ଅନ୍ତର୍ଗତ, ପରମ ଶିବାୟ, ପରମ ଶକ୍ତି ଓ ପରମ ବ୍ରହ୍ମା ନାମରେ ତିନୋଟି ସୁପର କମ୍ପ୍ୟୁଟର ଆଇଆଇଟି ବିଏଚୟୁ, ଆଇଆଇଟି ଖଡଗପୁର ଏବଂ ଆଇଆଇଏସଇଆର ପୁଣେରେ ପ୍ରତିଷ୍ଠା କରାଯାଇସାରିଛି । ଚଳିତ ବର୍ଷ ଦେଶର ଏକ ଡଜନରୁ ଅଧିକ ସଂସ୍ଥାନରେ ଏପରି ସୁପର କମ୍ପ୍ୟୁଟର ପ୍ରତିଷ୍ଠା କରାଯିବା ଲାଗି ଯୋଜନା କରାଯାଇଛି । ଆଇଆଇଟି ଖଡଗପୁର, ଆଇଆଇଟି ଦିଲ୍ଲୀ ଏବଂ ବିଏଚୟୁରେ ତିନୋଟି ସୂକ୍ଷ୍ମ ବିଶ୍ଳେଷଣ ଏବଂ ବୈଷୟିକ ସହାୟତା ସଂସ୍ଥାନ (ସାଥୀ) ମଧ ସେବା ପ୍ରଦାନ କରୁଛନ୍ତି ।

ଏସବୁ କାର୍ଯ୍ୟ ସମ୍ପର୍କରେ ଆଲୋଚ଼ନା କରିବା ଆଜି ଏଥିପାଇଁ ଜରୁରି କାରଣ ବର୍ତ୍ତମାନର ସରକାରଙ୍କ ସଂକଳ୍ପ, ଆଭିମୁଖ୍ୟକୁ ଏହା ଦର୍ଶାଉଛି । ଏକବିଂଶ ଶତାବ୍ଦୀରେ ଭାରତକୁ ଉନବିଂଶ ଶତାବ୍ଦୀର ଚିନ୍ତାଧାରାକୁ ପଛରେ ଛାଡି ଆଗକୁ ଦୌଡିବାକୁ ହେବ ।

ସାଥୀଗଣ,

ଆମ ଶାସ୍ତ୍ରରେ କୁହାଯାଇଛି–

ବ୍ୟୟେ କୃତେ ବର୍ଦ୍ଧତେ ଏବଂ ନିତ୍ୟଂ<br>
ବିଦ୍ୟାଧନଂ ସର୍ବଧନ ପ୍ରଧାନମ୍

ଅର୍ଥାତ ବିଦ୍ୟା ହେଉଛି ଏପରି ସମ୍ପତ୍ତି ଯାହାକୁ ନିଜ ପାଖରେ ସୀମିତ ରଖିବା ଫଳରେ ନୁହେଁ ବରଂ ବାଂଟିବା ଫଳରେ ବୃଦ୍ଧି ପାଇଥାଏ । ସେଥିପାଇଁ ବିଦ୍ୟାଧନ, ବିଦ୍ୟାଦାନ ଶ୍ରେଷ୍ଠ ହୋଇଥାଏ । ଜ୍ଞାନ, ଗବେଷଣାକୁ ସୀମିତ ରଖିବା ଦେଶର ସାମର୍ଥ୍ୟ ପ୍ରତି ବହୁତ ବଡ ଅନ୍ୟାୟ । ଏହି ଚିନ୍ତାଧାରାକୁ ନେଇ ମହାକାଶ, ଆଣବିକ ଶକ୍ତି, ଡିଆରଡିଓ, କୃଷି ଆଦି ଅନେକ କ୍ଷେତ୍ରର ଦ୍ୱାର ଯୁବକମାନଙ୍କ ପାଇଁ ଉନ୍ମୁକ୍ତ କରାଯାଉଛି ।

ନିକଟରେ ଆହୁରି ଦୁଇଟି ବଡ ପଦକ୍ଷେପ ଗ୍ରହଣ କରାଯାଇଛି, ଯେଉଁଥିରେ ନବୋନ୍ମେଷ, ଗବେଷଣା ଓ ବିକାଶର ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ବହୁତ ବଡ ଲାଭ ମିଳିବ । ଦେଶରେ ପ୍ରଥମ ଥର ପାଇଁ ପାଣିପାଗ ବିଜ୍ଞାନ (ମେଟେରୋଲୋଜି) ସହ ଜଡିତ ଅନ୍ତର୍ଜାତୀୟ ମାନକ ପାଇଁ ପ୍ରଭାବୀ ହେଉଥିବା ଭାରତୀୟ ସମାଧାନ ମିଳିସାରିଛି । ଏହି ସିଷ୍ଟମକୁ ଲଗାତାର ମଜବୁତ କରାଯାଉଛି । ଫଳରେ ଗବେଷଣା ଓ ବିକାଶ ଏବଂ ଆମ ଉତ୍ପାଦର ବୈଶ୍ୱିକ ଦକ୍ଷତା ଆହୁରି ବୃଦ୍ଧି ପାଇବ ।

ଏହା ବ୍ୟତୀତ ନିକଟରେ ଜିଓ-ସ୍ପାଟିଆଲ ଡାଟାକୁ ନେଇ ବହୁତ ବଡ ସଂସ୍କାର କରାଯାଇଛି । ଏବେ ମହାକାଶ ତଥ୍ୟ ଏବଂ ଏହା ସହ ଆଧାରିତ ମହାକାଶ ପ୍ରଯୁକ୍ତିକ ଦେଶର ଯୁବକମାନଙ୍କ ଲାଗି, ଦେଶର ଯୁବ ଉଦ୍ୟମୀମାନଙ୍କ ଲାଗି, ଷ୍ଟାର୍ଟଅପ ଲାଗି, ଖୋଲି ଦିଆଯାଇଛି । ମୁଁ ଆପଣମାନଙ୍କୁ ସମସ୍ତ ସାଥୀମାନଙ୍କୁ ଅନୁରୋଧ କରୁଛି ଯେ ଏହି ସଂସ୍କାରଗୁଡିକର ଅଧିକରୁ ଅଧିକ ଉପଯୋଗ କରନ୍ତୁ, ଲାଭ ଉଠାନ୍ତୁ ।

ସାଥୀଗଣ,

ଚଳିତ ବର୍ଷ ବଜେଟରେ ସଂସ୍ଥା ନିର୍ମାଣ ଏବଂ ଆକ୍ସେସ ଉପରେ ଆହୁରି ଜୋର ଦିଆଯାଇଛି । ଦେଶରେ ପ୍ରଥମ ଥର ଜାତୀୟ ଗବେଷଣା ପ୍ରତିଷ୍ଠାନ ନିର୍ମାଣ କରାଯାଉଛି । ଏଥିପାଇଁ ୫୦ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏହାଫଳରେ ଗବେଷଣା ସହ ଜଡି ସଂସ୍ଥାନଗୁଡିକର ପ୍ରଶାସନିକ ଢାଂଚା ଠାରୁ ଆରମ୍ଭ କରି ଗବେଷଣା ଓ ବିକାଶ, ଶିକ୍ଷାଦାନ ଏବଂ ଶିଳ୍ପ ସହ ସମ୍ପର୍କକୁ ବଳ ମିଳିବ । ବାୟୋଟେକ୍ନୋଲୋଜି ସହ ଜଡିତ ଗବେଷଣା ଲାଗି ବଜେଟରେ ୧୦୦ ପ୍ରତିଶତରୁ ଅଧିକ ବୃଦ୍ଧି ସରକାରଙ୍କ ପ୍ରାଥମିକତାକୁ ଦର୍ଶାଉଛି ।

ସାଥୀଗଣ,

ଭାରତରେ ଔଷଧ ଏବଂ ଟୀକା ସହିତ ଜଡିତ ଗବେଷଣା, ଭାରତକୁ ସୁରକ୍ଷା ଓ ସମ୍ମାନ ଉଭୟ ପ୍ରଦାନ କରିଛି । ନିଜର ଏହି ସାମର୍ଥ୍ୟକୁ ଆହୁରି ସଶକ୍ତ କରିବା ଲାଗି ସରକାର ଆରମ୍ଭରୁ ୭ଟି ଜାତୀୟ ଫାର୍ମାସ୍ୟୁଟିକାଲ ଶିକ୍ଷା ଓ ଗବେଷଣା ସଂସ୍ଥାନକୁ ଜାତୀୟ ଗୁରୁତ୍ୱ ବହନ କରୁଥିବା ଶିକ୍ଷାନୁଷ୍ଠାନ ଭାବେ ଘୋଷଣା କରିସାରିଛନ୍ତି । ଏହି କ୍ଷେତ୍ରରେ ଗବେଷଣା ଓ ବିକାଶକୁ ନେଇ ଘରୋଇ କ୍ଷେତ୍ରର ଆମର ଉଦ୍ୟୋଗଗୁଡିକର ଭୂମିକା ଅତ୍ୟନ୍ତ ପ୍ରଶଂସନୀ । ମୋର ବିଶ୍ୱାସ ରହିଛି ଯେ ଏହି ଭୂମିକା ଆଗାମୀ ଦିନରେ ଆହୁରି ଅଧିକ ସମ୍ପ୍ରସାରିତ ହେବ ।

ସାଥୀଗଣ,

ଏବେ ବାୟୋଟେକ୍ନୋଲୋଜି କ୍ଷମତାର ପରିସର ଦେଶର ଖାଦ୍ୟ ସୁରକ୍ଷା, ଦେଶର ପୁଷ୍ଟିସାଧନ, ଦେଶର କୃଷି କଲ୍ୟାଣରେ କିଭଳି ବ୍ୟାପକ ଭାବେ ବିନିଯୋଗ ହୋଇପାରିବ, ସେଥିପାଇଁ ପ୍ରୟାସ କରାଯାଉଛି । କୃଷକମାନଙ୍କ ଆୟ ବୃଦ୍ଧି ଲାଗି ସେମାନଙ୍କର ଜୀବନକୁ ଉନ୍ନତ କରିବା ଲାଗି ବାୟୋଟେକ୍ନୋଲୋଜି ସହ ଜଡିତ ଗବେଷଣାରେ ଯେଉଁ ସାଥୀମାନେ ସମ୍ପୃକ୍ତ ରହିଛନ୍ତି, ସେମାନଙ୍କ ଠାରୁ ଅନେକ କିଛି ଆଶା କରାଯାଉଛି । ଉଦ୍ୟୋଗ ଜଗତ ସମସ୍ତ ସାଥୀମାନଙ୍କୁ ମୁଁ ଅନୁରୋଧ କରୁଛି ଯେ ସେମାନେ ଏଥିରେ ନିଜର ଭାଗିଦାରୀ ବଢ଼ାନ୍ତୁ । ଦେଶରେ ୧୦ଟି ବାୟୋଟେକ ୟୁନିଭର୍ସିଟି ରିସର୍ଚ୍ଚ ଜଏଂଟ ଇଣ୍ଡଷ୍ଟ୍ରୀ ଟ୍ରାନ୍ସଲେସନାଲ କ୍ଲଷ୍ଟର (ଉର୍ଜିତ) ନିର୍ମାଣ କରାଯାଉଛି । ଯାହାଫଳରେ

(ସପ୍ତମ ପୃଷ୍ଠା ଦେଖନ୍ତୁ)

# କୋଭିଡ୍ ଟୀକାକରଣରେ ଛାତ୍ର କ୍ରିୟାନୁଷ୍ଠାନ କମିଟି ଓ ବିକାଶ ସେନାର ଶ୍ରମଦାନ




ଟିଟିଲାଗଡ, (ନିପ୍ର) : ସ୍ଥାନୀୟ ଟିଟିଲାଗଡ ଉପଖଣ୍ଡୀୟ ଡାକ୍ତଖାନା ଠାରେ ସରକାରଙ୍କ ଦ୍ୱାରା ହେଉଥିବା କୋଭିଡ୍ ଟୀକାକରଣ ଅଭିଯାନରେ ଛାତ୍ର କ୍ରିୟାନୁଷ୍ଠାନ କମିଟିର ସଭାପତି ଶୁଭମ୍ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଛାତ୍ର କ୍ରିୟାନୁଷ୍ଠାନ କମିଟିର ଏବଂ ଟିଟିଲାଗଡ ବିକାଶ ସେନାର କିଛି ସଦସ୍ୟ ସ୍ୱେଚ୍ଛାସେବୀ ରୂପେ ଯୋଗ ଦେଇ ଲୋକଙ୍କୁ ସାହାଯ୍ୟ କରିଥିଲେ । କୋଭିଡ୍ ଟୀକା ୧୬ ଜାନୁୟାରୀ ୨୦୨୧ରେ ଆରମ୍ଭ କରାଯାଇଥିଲା । ପ୍ରଥମ ଗୋଷ୍ଠୀରେ ସ୍ୱାସ୍ଥ୍ୟସେବା ଏବଂ ଫ୍ରଣ୍ଟଲାଇନ କର୍ମଚାରୀମାନଙ୍କୁ ଟୀକାକରଣ ଅଭିଯାନ ଦ୍ୱାରା ଟୀକାକରଣ ପାଇଁ ଅନ୍ତର୍ଭୁକ୍ତ କରାଯାଇଥିଲା । ବର୍ତ୍ତମାନ ଦ୍ୱିତୀୟ ଗୋଷ୍ଠୀ ରୂପେ ଜାନୁୟାରୀ ୧/୨୦୨୨ ସୁଦ୍ଧା ୬୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଏବଂ ଆବଶ୍ୟକତା ଥିବା ୪୫ ରୁ ୫୯ ବର୍ଷ ମଧ୍ୟରେ ଥିବା ବ୍ୟକ୍ତିମାନଙ୍କୁ ଟୀକାକରଣ କରାଯାଉଅଛି । ଛାତ୍ର କ୍ରିୟାନୁଷ୍ଠାନ କମିଟି ଏବଂ ଟିଟିଲାଗଡ ବିକାଶ ସେନାର ସଦସ୍ୟ ଗଣ ଆଗକୁ ମଧ୍ୟ ଏହି ଅଭିଯାନରେ ସାହାଯ୍ୟର ହାତ ବଢାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଦ୍ୱିତୀୟ ଗୋଷ୍ଠୀରେ ଅନ୍ତର୍ଭୁକ୍ତ ସମସ୍ତ ଜ୍ନ ସାଧାରଣଙ୍କୁ ଅନୁରୋଧ କରିଛନ୍ତି ଯେ, ସେମାନେ ଏହି ଟୀକାକରଣ ଅଭିଯାନରେ ଯୋଗଦାନ କରନ୍ତୁ ଏବଂ ଏହି ଟୀକାକରଣ ପାଇଁ ହେଉଥିବା ରେଜିଷ୍ଟ୍ରେସନ ପ୍ରକ୍ରିୟା ପାଇଁ ଛାତ୍ର କ୍ରିୟାନୁଷ୍ଠାନ କମିଟିର ସଭାପତି ଶୁଭମ୍ ଆଚାର୍ଯ୍ୟଙ୍କ ସହ ଯୋଗଯୋଗ କରନ୍ତୁ । ଛାତ୍ର କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନଙ୍କ ମଧ୍ୟରୁ ଶ୍ରୀ ଆଚାର୍ଯ୍ୟ, ପ୍ରଜ୍ଞା ଯାଦବ, ହିତେଶ କୁମାର ମିଶ୍ର, ପ୍ରଦୀପ ନାରାୟଣ ଦାସ, ଶିବୁ ଜାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ତେଲେଙ୍ଗାନାରେ ବନ୍ଧା ପଡିଛନ୍ତି ପାଟଣାଗଡ଼, ଖପ୍ରାଖୋଲ, ବେଲପଡା ଅଂଚଳର ୩୫ ଦାଦନ ଶ୍ରମିକ



ଖପ୍ରାଖୋଲ, (ନିପ୍ର) : ବଲାଙ୍ଗିର ଜିଲ୍ଲା ଏକ ଦାଦନ ପ୍ରବଣ ଅଂଚଳ ଭାବେ ବେଶ୍ କୁଖ୍ୟାତି ଅର୍ଜନ କରିଛି ସାରା ଭାରତରେ । ଏଠାକାର ଅସହାୟ, ଗରିବ ଶ୍ରେଣୀର ଲୋକମାନେ ସର୍ଦ୍ଦାର୍, ଦଲାଲ ମାନଙ୍କ ମିଠା କଥା ଏବଂ ପଇସା ଲୋଭରେ ନିଜ ଭିଟାମାଟି ଛାଡ଼ି ଅନ୍ୟ ରାଜ୍ୟକୁ ଦି' ପଇସା ଅଧିକ ରୋଜଗାର ଆଶାରେ ଦାଦନ ଖଟିବାକୁ ଯାଉଛନ୍ତି । କିନ୍ତୁ ସେଠାରେ ସେମାନଙ୍କୁ ଅକଥନୀୟ ଅତ୍ୟାଚାର ସହିବାକୁ ପଡୁଛି । ବାରମ୍ବାର ଏପରି ଘଟଣା ଦେଖିବାକୁ ମିଳୁଛି । ତଥାପି ସଚେତନତାର ଅଭାବ ଏବଂ ପ୍ରଶାସନର ଅବହେଳା ଯୋଗୁଁ ବାରମ୍ବାର ଏଭଳି ଘଟଣା ଲୋକଲୋଚନକୁ ଆସୁଛି । ଏପରି ଏକ ଘଟଣା ପୁଣି ଦେଖିବାକୁ ମିଳିଛି ।

ବଲାଙ୍ଗିର ଜିଲ୍ଲା ଲୁହାସିଂହା ଗ୍ରାମର ଲକ୍ଷ୍ମଣ ସାହୁ, ପ୍ରମିଳା ସାହୁ, ବିଶାଖା ସାହୁ, ଜିତୁ ସାହୁ, ଚାଉଳବାଞ୍ଜି ଗାଁର ଶିବା ମାଝୀ ଏବଂ ଆହୁରି ଦାଦନ ଶ୍ରମିକ ସୁଦୂର ତେଲେଙ୍ଗାନାରେ ଅକଥନୀୟ ନିର୍ଯାତନା ସହୁଛନ୍ତି । ଏମାନଙ୍କ କହିବା କଥା ହେଲା, ବେଲପଡା ବ୍ଲକର ଦାଦନ ସର୍ଦ୍ଦାର୍ ଡିଲେଶ୍ୱର ବେହେରା ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଦିଆଯିବ ବୋଲି ମିଛ ପ୍ରତିଶ୍ରୁତି ଦେଇ ତେଲେଙ୍ଗାନାର ଏକ ଇଟାଭାଟିରେ ସମସ୍ତଙ୍କୁ ବିକ୍ରି କରି ଦେଇ ଫେରାର୍ ଅଛନ୍ତି । ଏପଟେ ଇଟାଭାଟି ମାଲିକ ସଲିମ ସେଟ୍ ମହିଳା ଶ୍ରମିକ ମାନଙ୍କୁ ବେଶ୍ୟାଳୟରେ ବିକ୍ରି କରିଦେବି ବୋଲି ଧମକ ଦେଇଥିବା ଅଭିଯୋଗ ହୋଇଛି । ଏସବୁ ଦୁଃଖ କାହାଣୀ ଶ୍ରମିକ ମାନେ ଫୋନ୍ ମାଧ୍ୟମରେ ଜଣାଇଛନ୍ତି । ପୁରୁଷ ଶ୍ରମିକଙ୍କୁ ସବୁବେଳେ ମାଡ ଗାଳି ଦେଉଥିବା ଅଭିଯୋଗ କରିଥିବା ପ୍ରାପ୍ତ ସୂଚନାରେ କୁହାଯାଇଛି ।




# ସାଉରିଆ ବାରବାଟି ଜଙ୍ଗଲରେ ନିଆଁ : ନିଆଁ ଲିଭାଇଲେ ଡେଲାଙ୍ଗ ଅଗ୍ନିଶମ ବାହିନୀ

ଡେଲାଙ୍ଗ, (ନିପ୍ର) : ଡେଲାଙ୍ଗ ତହସିଲ ଅର୍‌ନ୍ତଗତ ସାଉରିଆ ମୌଜାର ବାରବାଟି ଜଙ୍ଗଲରେ କୌଣସି କାରଣରୁ ନିଆଁ ଲାଗି ବାଉଁଶ, ଆମ୍ବ ଆଦି ବହୁ ଗଛ ଜଳିଯାଇଛି । ଖବର ପାଇ ଡେଲାଙ୍ଗ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଂଚି ନିଆଁକୁ ଲିଭାଇଥିଲେ । ଅଗ୍ନିଶମ ବାହିନୀର ଏସଓ ଚନ୍ଦ୍ରଶେଖର ଜେନା, ଏଲଏଫଏମ ରାମ ଚନ୍ଦ୍ର ସାହୁ, ଡ୍ରାଇଭର ପ୍ରଭାକର ଦାସ, ଆଗ୍ନିକ ସୁମନ୍ତ କୁମାର ସାହୁ, ସାରଦାପ୍ରସାଦ ଜେନା, ଶ୍ରୀନିବାସ ସାହୁ, କିଶୋର ରଣା, ବିକେଶ କୁମାର ଧିରୀ ଆଦି ପ୍ରମୁଖ ସାମିଲ ହୋଇ ନିଆଁକୁ ଆୟତ୍ତ କରିଥିଲେ ।



# ବରଗଡ ଜିଲ୍ଲାପାଳଙ୍କ ସୀମାନ୍ତବର୍ତ୍ତୀ ଗ୍ରାମ ପରିଦର୍ଶନ : ଜନସାଧାରଣଙ୍କ ସମସ୍ୟା ବୁଝିଲେ




ପଦ୍ମପୁର, (ନିପ୍ର) : ବରଗଡ ଜିଲ୍ଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଛତିଶଗଡ ସୀମାନ୍ତବର୍ତ୍ତୀ ଚର୍‌ଦାପାଲି ଗ୍ରାମପଂଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମକୁ ପରିଦର୍ଶନରେ ଯାଇ ଗ୍ରାମବାସୀଙ୍କ ଠାରୁ ତାଙ୍କର ସୁବିଧା ଅସୁବିଧା ସମ୍ପର୍କରେ, ସରକାରୀ ଯୋଜନାର ରୂପାୟନ ଉପରେ ପ୍ରତ୍ୟକ୍ଷ ଭାବରେ ପଚାରି ବୁଝିଥିଲେ । ସୀମାନ୍ତବର୍ତ୍ତୀ ଗୁଣ୍ଡିଚାଡିହି ଗ୍ରାମ ପରିଦର୍ଶନ ସମୟରେ ଗ୍ରାମର ନିରାକାର ମିର୍ଦ୍ଧା, ନିରାବଳି ମିର୍ଦ୍ଧା, ଗୋମତି ପଟ୍ଟନିଆ, ପୀରବତୀ ତାମିଲିଆ, ଯମୁନା କୁମରିଆ ପ୍ରମୁଖ ଗ୍ରାମବାସୀଙ୍କ ଠାରୁ ତାଙ୍କର ସୁବିଧା ଅସୁବିଧା ସମ୍ପର୍କରେ ତଥା ସରକାରୀ ଯୋଜନାର କାର୍ଯ୍ୟକାରିତା ବିଷୟରେ ପଚାରିଥିଲେ ବୁଝିଥିଲେ । ଗ୍ରାମରେ ଆବାସ ଯୋଜନା, ବିଦ୍ୟୁତିକରଣ, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ, ସାମାଜିକ ସୁରକ୍ଷା ଯୋଜନା, ମନରେଗା ଯୋଜନା, ସାଧାରଣ ବଣ୍ଟନ ବ୍ୟବସ୍ଥା ଉପରେ ଗ୍ରାମବାସୀଙ୍କ ଠାରୁ ଟିକିନିକି ଭାବେ ବୁଝାବୁଝି କରିଥିଲେ । ଏହାପରେ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଚର୍‌ଦାପାଲି ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀ ମାନଙ୍କୁ ସେମାନେ କେମିତି ଅଛନ୍ତି, ପାଠ ପଢ଼ାପଢ଼ି କେମିତି ଚାଲିଛି ତଥା ଅନ୍ୟାନ୍ୟ ଅସୁବିଧା ସୁବିଧା ଅସୁବିଧା ଉପରେ ବୁଝାବୁଝି କରିଥିଲେ । ଶ୍ରେଣୀ ଗୃହ ସହିତ, ସ୍କୁଲ ପରିସର ପରିଦର୍ଶନ କରି ଏହାକୁ ଭଲ ଭାବରେ ସଫାସୁତୁରା କରିବା ସହିତ ଛାତ୍ରଛାତ୍ରୀମାନଙ୍କର ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦେବାକୁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ସ୍କୁଲ ପରିଦର୍ଶନ ସମୟରେ ବରିଷ୍ଠ ଶିକ୍ଷକ ମନୋଜ ମହାନନ୍ଦ ସ୍କୁଲର ସୁବିଧା ଅସୁବିଧା ଉପରେ ଜିଲ୍ଲାପାଳ ଶ୍ରୀ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ଜିଲ୍ଲାପାଳ ମହୋଦୟ ଚଙ୍ଗରିଆ ଗ୍ରାମ ପରିଦର୍ଶନରେ ଯାଇ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିବା ସହିତ ପାଇପ ପାଣି ଯୋଗାଣ ଏବଂ ନଳକୂପ ମରାମତି ଉପରେ ପଚାରିଥିଲେ । ଚଙ୍ଗରିଆ ଗ୍ରାମରେ ବିଭିନ୍ନ ସରକାରୀ ଯୋଜନାର ଉପଲବ୍ଧି ସମ୍ପର୍କରେ ପ୍ରତ୍ୟକ୍ଷ ଭାବରେ ଗ୍ରାମବାସୀଙ୍କ ଠାରୁ ପଚାରି ବୁଝିଥିଲେ । ଏହାପରେ ଜିଲ୍ଲାପାଳ ଚର୍‌ଦାପାଲି ଗ୍ରାମ ପରିଦର୍ଶନ କରି ଜନସାଧାରଣଙ୍କୁ ସରକାରୀ ଯୋଜନାର ରୂପରେଖ ଉପରେ ବୁଝିଥିଲେ । ସ୍ଥାନୀୟ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିବା ସହ ଚର୍‌ଦାପାଲି ଗ୍ରାମପଂଚାୟତ କାର୍ଯ୍ୟାଳୟ ଠାରେ ବିଭିନ୍ନ ଗ୍ରାମର ଲୋକମାନେ ଜିଲ୍ଲାପାଳଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିବା ସହିତ ଗମନାଗମନ ଓ ଅଙ୍ଗନଦୀ ଉପରେ ପୋଲ ନିର୍ମାଣ କରିବା ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ପରେ ଜିଲ୍ଲାପାଳ ପହଣ୍ଡିପୁର ଗ୍ରାମ ପରିଦର୍ଶନ କରି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା, ଅସୁବିଧା ସୁବିଧା ଉପରେ ବୁଝିଥିଲେ । ଗ୍ରାମରେ ଆବାସ ଯୋଜନା, ବିଦ୍ୟୁତିକରଣ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ସମସ୍ୟା, ସାମାଜିକ ସୁରକ୍ଷା ଯୋଜନା ଏବଂ ସାଧାରଣ ବଂଟନ ବ୍ୟବସ୍ଥା ଉପରେ ଲୋକମାନଙ୍କ ଠାରୁ ବୁଝିଥିଲେ । ଲହଣ୍ଡିପୁର ଗ୍ରାମର ଜଣେ ହିତାଧିକାରୀ ପୁରନ କୁମ୍ଭାରଙ୍କୁ ଏକ ଟ୍ରାଇ ସାଇକେଲ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ପାଇକମାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଲହଣ୍ଡିପୁର ଗ୍ରାମର କେତେକ ମହିଳା ରାସ୍ତାର ଉନ୍ନତିକରଣ ସହିତ ଲଖମରା ନିକଟରେ ପୋଲ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଲୁହୁରାକୋଟ ଗ୍ରାମ ପରିଦର୍ଶନ କରି ଗ୍ରାମର ଅଧିବାସୀ ମାନଙ୍କ ସହିତ ସରକାରଙ୍କ ବିଭିନ୍ନ ଯୋଜନାର ରୂପାୟନ ଉପରେ ପଚାରି ବୁଝିବା ସହିତ ସ୍ୱାସ୍ଥ୍ୟ ସେବା, ଶିକ୍ଷା ଇତ୍ୟାଦି ବିଭିନ୍ନ ବିଷୟରେ ଲୋକଙ୍କ ସହ ଆଲୋଚନା କରିଥିଲେ ।

ଲୁହୁରାକୋଟରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ଅଙ୍ଗନବାଡ଼ି କର୍ମୀଙ୍କ ଠାରୁ ପଚାରି ବୁଝିଥିଲେ । ବିଭିନ୍ନ ଗ୍ରାମ ପରିଦର୍ଶନ ସମୟରେ ବାକି ରହିଯାଇଥିବା ଯୋଗ୍ୟ ହିତାଧିକାରୀ ମାନଙ୍କୁ ସାମାଜିକ ସୁରକ୍ଷା ଯୋଜନା ତଥା ଅନ୍ୟାନ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପାଇକମାଲ ବି.ଡି.ଓ ସୁରେନ୍ଦ୍ର କୁମାର ମେହେରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏହା ସହିତ ସୀମାନ୍ତ ଅଂଚଳରେ ପ୍ରଶାସନ ତରଫରୁ ବିଭିନ୍ନ ସମୟରେ କ୍ୟାମ୍ପ ମାନ କରାଯାଇ ଜନସାଧାରଣଙ୍କ ସମସ୍ୟା ଓ ନିରାକରଣ ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ପ୍ରଧାନଙ୍କ ଏକ ଦିନିଆ ଗସ୍ତ ସମୟରେ ପଦ୍ମପୁର ଉପଜିଲ୍ଲାପାଳ ଶ୍ରୀ ତନ୍ମୟ କୁମାର ଦରୱାନ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ପାଇକମାଲ, ଚର୍‌ଦାପାଲି ଗ୍ରାମପଂଚାୟତ ସରପଂଚ ଗିରିଶ ଚନ୍ଦ୍ର ନାଏକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ପାଇକମାଲ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଶ୍ରୀ ଜଗନ୍ନାଥ

ପ୍ରିୟତମା ମହାନ୍ତି



"ସର୍ବ ରହସ୍ୟଂ ପୁରୁଷୋତ୍ତମସ୍ୟ ଦେବାଃନ
ଜାନାନ୍ତି କୁତୋଃ ମନୁଷ୍ୟାଃ"

ଶ୍ରୀକ୍ଷେତ୍ର ପୁରୀ ବିଭିନ୍ନ କ୍ଷେତ୍ର ନାମରେ ବିଦିତ । ଯିଏ ଯେଉଁ କ୍ଷେତ୍ର ନାମରେ ଜାଣି ଥାଆନ୍ତୁ ନା କାହିଁକି ସିଧା ବହୁ ଦୂରରୁ ପତିତପାବନ ବାନା ଓ ମହୋଦଧିକୁ ଲୟ ଲଗାଇଲେ ଶ୍ରୀଜଗନ୍ନାଥ ତାଙ୍କ ଭକ୍ତକୁ ଡୋରିରେ ଟାଣି ଆଣିବେ । ତେବେ ଏହି କ୍ଷେତ୍ର ର ବିଶେଷ ନାମ ଗୁଡିକ ହେଲା – ଶ୍ରୀକ୍ଷେତ୍ର, ଶଙ୍ଖକ୍ଷେତ୍ର, ଦଶାବତାର କ୍ଷେତ୍ର, ଭୌମ କ୍ଷେତ୍ର, ଦିବ୍ୟ କ୍ଷେତ୍ର, ଉଡ୍ଡିୟନ କ୍ଷେତ୍ର, ଯାମନିକ କ୍ଷେତ୍ର, ନୀଳାଚଳ କ୍ଷେତ୍ର, ବ୍ରହ୍ମ କ୍ଷେତ୍ର, ଅନ୍ନକ୍ଷେତ୍ର, ପୁରୁଷୋତ୍ତମ କ୍ଷେତ୍ର, ମୋକ୍ଷ କ୍ଷେତ୍ର ଓ ମର୍ତ୍ତ୍ୟ ବୈକୁଣ୍ଠ ।

ସଂସ୍କାର ଧର୍ମୀ ପ୍ରତ୍ୟେକ ମାନବର ଜୀବନରେ ଥରେ ମାତ୍ର ହେଉ ପଛେ ତୀର୍ଥ ଦର୍ଶନ କରିବାର ଅଭିଳାଷ ଥାଏ । ସୁଯୋଗ,ସୁବିଧା ଓ ବିଭୁକୃପାକୁ ଅପେକ୍ଷା କରି ରହିଥାଏ । ଚାତକ ପରି ଚାହିଁ ଥାଏ ପ୍ରଭୁ କେବେ କୃପା କରିବେ । ସେହି ତୀର୍ଥ ଦର୍ଶନ ମଧ୍ୟରେ ମୁଖ୍ୟ ତୀର୍ଥ ଗୁଡିକ ସୃଷ୍ଟିର ଆରମ୍ଭ ରୁ ସୃଷ୍ଟ । ପରମ ପିତା ବ୍ରହ୍ମାଙ୍କ ପୁଷ୍କର ତୀର୍ଥ, ଚାରିଧାମ : ବଦ୍ରିନାଥ, ରାମନାଥ ବା ରାମେଶ୍ୱର, ଦ୍ୱାରକାନାଥ, ଜଗନ୍ନାଥ । ଏହିଧାମ ଦର୍ଶନ ପରେ ଅନ୍ୟ କ୍ଷେତ୍ରଟି ହେଉଛି ଶ୍ରୀ ନାଥ । ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପରେ ଚାରି ଧାମ ଦର୍ଶନର ପୁଣ୍ୟ ଫଳ ମିଳେ ବୋଲି କଥିତ ଅଛି ।

ସର୍ବେଷାଂ ଚୈବ କ୍ଷେତ୍ରାଣାଂ
ରାଜା ଶ୍ରୀ ପୁରୁଷୋତ୍ତମଃ
ସର୍ବେଷାଂ ଚୈବ ଦେବାନାଂ
ରାଜା ଶ୍ରୀ ପୁରୁଷୋତ୍ତମଃ ॥

ପରଂବ୍ରହ୍ମଙ୍କର ଦାରୁରୂପର ନାମ ପୁରୁଷୋତ୍ତମ । ତତ୍ତ୍ୱ ପୁରୁଷୋତ୍ତମ, ଏବଂ ଲୀଳା ସ୍ଥଳୀର ନାମ ପୁରୁଷୋତ୍ତମ ।

"ଲୋକ ଲୋଚନେ ଦାରୁ ଦେହ
ତତ୍ତ୍ୱରେ ଚିଦାନନ୍ଦ ମୟ"

ଦାରୁବ୍ରହ୍ମ ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥ ଦିବ୍ୟ ନୀଳାଚଳ ଧାମରେ କେଉଁ ଅନାଦି କାଳରୁ ଦାରୁ ରୂପରେ ପୂଜା ପାଉ ଅଛନ୍ତି । ଶ୍ରୀ ମନ୍ଦିର ଗର୍ଭ ଗୃହରେ ରତ୍ନସିଂହାସନରେ ଚତୁର୍ଭୁଜ ନାରାୟଣଙ୍କ ପରିବର୍ତ୍ତେ ଶୋଭା ପାଉଛନ୍ତି ଦାରୁବ୍ରହ୍ମ ଚତୁର୍ଦ୍ଧା ମୂର୍ତ୍ତି । କୋଟି ବ୍ରହ୍ମାଣ୍ଡର ନାଥ କୈବଲ୍ୟ ଦାତା ଶ୍ରୀ ଜଗନ୍ନାଥଙ୍କର ସବୁକିଛି ଲୌକିକ । ସମସ୍ତେ ତାଙ୍କ ଚକା ଆଖିରେ ସମାନ । ତାଙ୍କ ପତିତପାବନ ବାନା ଧନି ଦରିଦ୍ର,ଉଚ୍ଚନିଚ,ଜାତି ଧର୍ମ ବର୍ଣ୍ଣ, ସଂମ୍ପ୍ରଦାୟ ନିର୍ବିଶେଷରେ ପବନ ହିଲ୍ଲୋଳରେ ହାତ ଠାରି କାହିଁ କେତେ ଦୂରରୁ ଡାକୁଛି "ଆ ସବୁ ପାପ ତାପ ମୋତେ ଦେଇ ସବୁ ପୂଣ୍ୟ ଶରଧାରେ ନେଇ ଯା" । ମାନବ ଧର୍ମର ପ୍ରତିଷ୍ଠା ନିମିତ୍ତ ତାଙ୍କର ଦାରବ ଲୀଳା । ମାନବ ପରି ଦୁଃଖ କଷ୍ଟ ସହି ଜଗତରୁ ଅନ୍ୟାୟ ଅନୀତି ଦୂର କରିବା ପାଇଁ ଦଶ ଅବତାର ଗ୍ରହଣ କରଛନ୍ତି , କିନ୍ତୁ ଜଗନ୍ନାଥ ଅବତାର ନୁହନ୍ତି , ସେ ଅବତାରୀ ପୁରୁଷ, ସେ ଜଗତର ନାଥ । ମାତ୍ର ଓଡିଆ ଜାତି ତାଙ୍କ ପାଇଁ ଗର୍ବିତ । ଜଗନ୍ନାଥ ଙ୍କୁ ଛାଡି ଦେଲେ ଓଡିଶା ଓ ଓଡିଆ ଜାତିର ଅସ୍ତିତ୍ୱ ରହିବ ନାହିଁ ।

ମାନବ ଜୀବନର ସାଂସାରିକ କର୍ତ୍ତବ୍ୟ ମଧ୍ୟରେ ସଦା ସର୍ବଦା ସେ ନିମଜ୍ଜିତ ହୋଇଥାଏ । ଯେତେବେଳେ କିଛି ତୀର୍ଥ ଦର୍ଶନର ଭାବ ତା ହୃଦୟକୁ ଛୁଇଁ ଯାଏ, ସେତେବେଳେ ସେ ବିଭୁକୃପା ଲାଭ କରେ ।

ତୀର୍ଥ ଦର୍ଶନର ସର୍ବୋଚ୍ଚ ସ୍ଥାନରେ ରହିଛନ୍ତି ଚାରିଧାମ । ଚାରିଯୁଗରେ ଚାରିଧାମର ସୃଷ୍ଟି । ସତ୍ୟ ଯୁଗରେ ବଦ୍ରିନାଥ, ତ୍ରେତୟା ଯୁଗରେ ରାମନାଥ ବା ରାମେଶ୍ୱର, ଦ୍ୱାପର ଯୁଗରେ ଦ୍ୱାରକା ନାଥ ଓ କଳି ଯୁଗରେ ଶ୍ରୀ ଜଗନ୍ନାଥ ।

ପୁରୁଷୋତ୍ତମ ଶ୍ରୀ ଜଗନ୍ନାଥ ଓଡିଶାର ପୁରୀ ଜିଲ୍ଲାର ଶ୍ରୀକ୍ଷେତ୍ର ପୁରୀ ଠାରେ ମହୋଦଧି ତୀରରେ ଶ୍ରୀ ମନ୍ଦିରରେ ବିରାଜିତ । ମାନବ ଧର୍ମର ପ୍ରତୀକ ବାଦରେ ସେ ଶ୍ରୀମନ୍ଦିର ଗର୍ଭ ଗୃହର ରତ୍ନସିଂହାସନରେ ବଡଭାଇ ଶ୍ରୀ ବଳଭଦ୍ର,ଭଉଣୀ ମା' ସୁଭଦ୍ରା ଓ ନିଜେ ତାଙ୍କ ଆୟୁଧ ସୁଦର୍ଶନଙ୍କ ସହିତ ଚତୁର୍ଦ୍ଧା ମୁର୍ତ୍ତୀ ରୂପେ ପୂଜିତ । ଜଗନ୍ନାଥ ରାଜଧିରାଜ ସେ ଭକ୍ତଙ୍କୁ ନ ଦେଖିଲେ ଓ ଭକ୍ତ ତାଙ୍କୁ ନ ଦେଖିଲେ କାହାକୁ ଶାନ୍ତି ମିଳେ ନାହିଁ । ଭକ୍ତ ଙ୍କ ଭିଡ ମଧ୍ୟରେ ଖାଲି ଦିନେ ନୁହେଁ ପ୍ରତ୍ୟେକ ଦିନ ଭକ୍ତଙ୍କ ମହା ସମୁଦ୍ର ମଧ୍ୟରେ ସେ ଚିନ୍ତାମଣିଙ୍କୁ ଚିନ୍ତା କରିକରି ଦର୍ଶନ କରିବା ପରମ ଭାଗ୍ୟ । ଭକ୍ତଙ୍କ ସହ ସେ ଲୁଚକାଳି ଖେଳନ୍ତି । ଚକା ଆଖିରେ ସେ କିନ୍ତୁ ସମସ୍ତଙ୍କୁ ଦେଖୁ ଥାଆନ୍ତି ।

ସାଧାରଣ ଭକ୍ତଙ୍କୁ ବାଦ ଦେଲେ ଏହି ସର୍ବ ଧର୍ମ ସମନ୍ୱୟ କ୍ଷେତ୍ରରେ ମହନୀୟ ଭକ୍ତବୃନ୍ଦ ଶଙ୍କରାଚାର୍ଯ୍ୟ, ରାମାନୁଜ, ଶ୍ରୀ ଚୈତନ୍ୟ, କବୀର, ନାନକ ଓ ଅତିବଡି ଜଗନ୍ନାଥ ଦାସ, ଶିଶୁ ଅନନ୍ତ, ଯଶୋବନ୍ତ, ବଳରାମ ପ୍ରଭୃତି ପଞ୍ଚସଖା ନିଜ ନିଜ ଧର୍ମଭାବ ଓ ରୀତିନୀତିରେ ପ୍ରଭୂଙ୍କୁ ଦର୍ଶନ କରି ଥାଆନ୍ତି ।

ମାନବଙ୍କ ପରି ଚତୁର୍ଦ୍ଧାମୂର୍ତ୍ତୀଙ୍କର ବେଶ ପରିପାଟୀ ଅତି ଚମତ୍କାର ଓ ଅବର୍ଣ୍ଣନୀୟ । ବାରମାସରେ ବିଭିନ୍ନ ପର୍ବରେ ୩୨ ଟି ସ୍ୱତନ୍ତ୍ର ବେଶ ହୁଅନ୍ତି । ତାଙ୍କର ନିତ୍ୟ କର୍ମର ଶୈଳୀ ବିଭିନ୍ନ ବେଶରେ ଦୃଷ୍ଟ ହୁଏ ।

ଶ୍ରୀମନ୍ଦିରରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡଦାଣ୍ଡ ଶରଧାବାଲିର ମର୍ଯ୍ୟାଦା ଲାଭ କରିଛି । ସେହି ଶରଧାବାଲିରେ ସମସ୍ତଙ୍କର ଶରଧା ମୁଣ୍ଡରେ ନ ଲଗାଇଲେ ଭକ୍ତକୁ ଶାନ୍ତି ମିଳେନାହିଁ । ପ୍ରଭୂଙ୍କ ମନ୍ଦିରର ନୀଳଚକ୍ର, ନୀଳଚକ୍ରର ବାନା ଯାହା ଭକ୍ତର ପତିତପାବନ ବାନା ତାହା ବହୁ ଦୂରରୁ ଦୃଶ୍ୟ ମାନ ହୁଏ । ଶ୍ରୀ ମନ୍ଦିର ଚର୍ତୁଃପାର୍ଶ୍ୱରେ ପରିବେଷ୍ଟିତ ମେଘନାଦ ପାଚେରୀ । ମନ୍ଦିରରେ ଚାରୋଟି ଦ୍ୱାର ରହିଛି । ପୂର୍ବ ଦିଗର ଦ୍ୱାରକୁ ସିଂହଦ୍ୱାର କହନ୍ତି । ଏହି ସିଂହଦ୍ୱାରରେ ମନ୍ଦିରକୁ ପ୍ରବେଶ କରାଯାଏ । ମନ୍ଦିରରେ ପ୍ରବେଶ କରିବା ପୂର୍ବରୁ ଶରୀର ଓ ମନ ପବିତ୍ର ରଖିବା ପାଇଁ ନିକଟସ୍ଥ ପାଣି କଳରେ ହାତ ଗୋଡ ଧୋଇବା ଉଚିତ୍ ମନେ କରି ଭକ୍ତ ତାହା ଆଗ୍ରହରେ କରନ୍ତି ।

ଏହି ସିଂହ ଦ୍ୱାର ସମ୍ମୁଖରେ ଅରୁଣ ସ୍ତମ୍ଭ ବିଦ୍ୟମାନ । ସ୍ତମ୍ଭର ଅଗ୍ର ଭାଗରେ ସ୍ୱୟଂ ସୂର୍ଯ୍ୟଦେବଙ୍କ ସାରଥି ଅରୁଣ ଯୋଡ ହସ୍ତରେ ବିରାଜ ମାନ । ଏହାର ଉଚ୍ଚତା ପ୍ରାୟ ୧୦ ମିଟର ଓ ସ୍ତମ୍ଭଟି ଗୋଟିକିଆ ମୁଗୁନି ପଥରରେ ନିର୍ମିତ । ଏହା କୋଣାର୍କ ମନ୍ଦିରରେ ଥିଲା । କୋଣାର୍କ ସୂର୍ଯ୍ୟ ମନ୍ଦିର ଭଗ୍ନ ଅବସ୍ଥାରେ ରହିଥିବାରୁ ଅରୁଣ ସ୍ତମ୍ଭ ପୁରୀକୁ ଅଣାଯାଇ ଶ୍ରୀମନ୍ଦିର ସମ୍ମୁଖରେ ପ୍ରତିଷ୍ଠା କରାଯାଥିଲା ।

ପ୍ରଥମେ ଅରୁଣ ସ୍ତମ୍ଭରେ ମଥାନତ କରି ଶ୍ରୀମନ୍ଦିରରେ ପ୍ରବେଶ କରାଯାଏ । ଏହି ସିଂହଦ୍ୱାରର ଦ୍ୱାର ବନ୍ଧର ଦୁଇ ପାର୍ଶ୍ୱରେ ଜୟବିଜୟଙ୍କ ମୂର୍ତ୍ତୀ । ଦୁଇଟି ପ୍ରକାଣ୍ଡ କାୟ ସିଂହ ମୂର୍ତ୍ତି ଦୁଇ ପାର୍ଶ୍ୱରେ ସ୍ଥାପିତ ହୋଇଥିବାରୁ ଏହାକୁ ସିଂହଦ୍ୱାର କହନ୍ତି । ଦ୍ୱାରବନ୍ଧର ଉପର ଭାଗରେ ତୋରଣ ଲକ୍ଷ୍ମୀ ଶୋଭା ପାଉଛନ୍ତି । ଏହି ଦ୍ୱାରରେ ପ୍ରଭୂ ରଥକୁ ବିଜେ କରନ୍ତି ଓ ନିଳାଦ୍ରୀ ବିଜେ କରନ୍ତି ।

ସିଂହଦ୍ୱାର ଅତିକ୍ରମ କଲାପରେ ସୁଉଚ୍ଚ ପ୍ରସ୍ତର ପିଣ୍ଡି ଉପରେ ଜଗନ୍ନାଥଙ୍କ ପତିତପାବନ ମୁର୍ତ୍ତି ଦକ୍ଷିଣ ପାର୍ଶ୍ୱରେ ବିରାଜିତ । ଜାତି,ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କ ଦର୍ଶନ କରିପାରନ୍ତି । ତାଙ୍କ ଦକ୍ଷିଣରେ ନୃସିଂହ ମହାପ୍ରଭୂ, ହନୁମାନ ଓ ବାମ ପଟରେ ରାଧାକୃଷ୍ଣ ଙ୍କ ଦର୍ଶନ ମିଳେ । ଗୁମୁଟ ପାହାଚ ତଳେ ପାପକୁଣ୍ଡ ରହିଛି । ବାଇଶି ପାହାଚ ଚଢିବାବେଳେ ବାମ ପଟେ କାଶୀବିଶ୍ୱନାଥ ମନ୍ଦିର ଅଛି । ଏଠାରେ ବିଶ୍ୱନାଥ ପୂଜା ପାଉଛନ୍ତି । ଶ୍ରାଦ୍ଧ ଦିବସ ମାନଙ୍କରେ ବାଇଶି ପାହାଚରେ ପିଣ୍ଡଦାନ ପିତୃପୁରୁଷ ଙ୍କ ଉଦେଶ୍ୟରେ କରାଯାଏ ଓ ମନ୍ଦିର ଦର୍ଶନ ପରେ ଫେରିଲା ବେଳେ ଆନନ୍ଦ ବଜାରରୁ ମହା ପ୍ରସାଦ ଆଣି ପିତୃପୁରୁଷଙ୍କୁ ବାମ ପଟ କାନ୍ଥ ଖୋଲରେ ଅର୍ପଣ କରନ୍ତି । ଏହାଦ୍ୱାରା ପିତୃପୁରୁଷ ସନ୍ତୁଷ୍ଟ ହୁଅନ୍ତି ଓ ଆଶିର୍ବାଦ କରନ୍ତି । ବାଇଶି ପାହାଚର ଦକ୍ଷିଣ କୁ ଉପରେ ଅଛି ଚାହାଣୀ ମଣ୍ଡପ । ବାହୁଡା ବେଳେ ଜଗନ୍ନାଥ ରଥରେ ଥିବା ବେଳେ ଲକ୍ଷ୍ମୀ ତାଙ୍କୁ ଏହି ମଣ୍ଡପରେ ଦର୍ଶନ କରନ୍ତି । ବନ୍ଦାପନା ହୁଏ, ଏହାକୁ ଭେଟ ମଣ୍ଡପ କୁହାଯାଏ ।

ବାଇଶି ପାହାଚ ପବିତ୍ର ମୟ ଓ ତତ୍ତ୍ୱମୟ । ଶ୍ରୀ ଚୈତନ୍ୟ ଅନେକ ସମୟରେ ଭାବାବିଷ୍ଟ ହୋଇ ଏଠାରେ ଉପବେଶନ କରି ଶାନ୍ତି ଓ ତୃପ୍ତି ଲାଭ କରୁଥିଲେ । ଏହା ମୁକ୍ତିର ପ୍ରଥମ ପଥ ପ୍ରଦର୍ଶକ ପଥ । ଭକ୍ତଙ୍କ ଦୃଷ୍ଟିରେ ବାଇଶି ପାହାଚ ଚତୁର୍ଦ୍ଦଶ ଭୂବନ ଓ ଅଷ୍ଟ ବୈକୁଣ୍ଠ । ମାଳିକା ପ୍ରସିଦ୍ଧ ଅଚ୍ୟୁତାନନ୍ଦଙ୍କ ପିତା ମାତା ସନ୍ତାନ କାମନା କରି ଜଗନ୍ନାଥଙ୍କୁ ଅହୋରାତ୍ର ପ୍ରାର୍ଥନା କରୁଥିଲେ । ଅପୁତ୍ରିକ ଦୋଷରୁ ଉଦ୍ଧାର ପାଇଁ ଜଗନ୍ନାଥ ତାଙ୍କୁ ସ୍ୱପ୍ନାଦେଶରେ ଦର୍ଶନର ନିର୍ଦ୍ଦେଶ ଦେଇଥିଲେ । ପ୍ରଭୂ ସ୍ୱପ୍ନାଦେଶ କଲେ "କାଲି ପ୍ରଭାତରେ ପହଡ଼ ଧୂପରେ ଗରୁଡ ପଛକୁ ଚାହିଁ , ତୃତୀୟ ପାହାଚରେ ଯାହାକୁ ଦେଖିବୁ, ସେ ତୋର ପୁତ୍ର ରୂପେ ଜନ୍ମ ନେବ " । କେତେକ ତାତ୍ତ୍ୱିକ ବଡଦେଉଳର ବାଇଶ ପାହାଚର ତୃତୀୟ ପାହାଚକୁ 'ତ୍ରିପୁର' କହନ୍ତି ।

ଅଚ୍ୟୁତାନନ୍ଦଙ୍କ ଭାଷାରେ –

"ଶୁଣ ବାବୁ ତୁହି ବ୍ରଜକୁମର
ସଂସାର ଜନମ ସ୍ଥାନ ତ୍ରିପୁର "
ନିତ୍ୟ ନୀଳାଚଳ ପୂର୍ବ ଦ୍ୱାରରେ
ଥମ୍ଭ ଗୋଟିକ ଅରୁଣ ନାମରେ "
ସେ ଠାବୁଁ ବିଂଶ ପାବଛ ଠାବେଣ
ତ୍ରିପୁର ଗ୍ରାମ ସୀମା ନିରୁପଣ ।
ଯେଉଁ ଠାରେ ବଳି ପାତାଳୀ ଥିତି
ସୁରମାନେ ଯେଉଁ ଠାରେ ଗମନ୍ତି
ମଞ୍ଚରେ ନିତ୍ୟ ସ୍ଥଳ ଅଟେ ସେହି
ସେଠାରେ ଗୋପ୍ୟାନ 'ତ୍ରିପୁର'ଭୁଇଁ "

(ବର୍ଣ୍ଣଟୀକା)

ଏଥିରୁ ସ୍ପଷ୍ଟ ହୁଏ ଯେ 'ତ୍ରିପୁର' ବଡଦେଉଳ ମଧ୍ୟସ୍ତ କିମ୍ବା ନିକଟସ୍ଥ ସ୍ଥାନ, କେତେକ ତାତ୍ତ୍ୱିକ ବଡ ଦେଉଳର ତୃତୀୟ ପାହାଚକୁ 'ତ୍ରିପୁର' କହିବା ଜାଣିବାକୁ ମିଳେ । ତେଣୁ ପ୍ରଭୂ ଜଗନ୍ନାଥଙ୍କ ସ୍ୱପ୍ନାଦେଶର ତାତ୍ପର୍ଯ୍ୟ ନିଜେ ଅଚ୍ୟୁତାନନ୍ଦ ପ୍ରମାଣିତ କରିଦେଇଛନ୍ତି । ବାଇଶ ପାହାଚ ତାତ୍ପର୍ଯ୍ୟରେ ତାଙ୍କ ମାଳିକା ଗ୍ରନ୍ଥରେ ଦର୍ଶାଇଛନ୍ତି 'ବାଇଶି ପାହାଚେ ମୀନ ଖେଳିବ' ତାଙ୍କ ଏହି ଉକ୍ତି ର ତାତ୍ପର୍ଯ୍ୟ ତାଙ୍କୁ ହିଁ ଜଣା । ମାତ୍ର ତାତ୍ତ୍ୱିକ ଦୃଷ୍ଟିରେ ଓ ଭକ୍ତ ଭାବନାରେ ପ୍ରକୃତରେ ବାଇଶି ପାହାଚରେ ମୀନ ରୂପୀ ପ୍ରଥମ ଅବତାରର ପ୍ରଭୁଜଗନ୍ନାଥ ନିଜେ ତ ଖେଳୁଛନ୍ତି । ଶ୍ରୀ ଗୁଣ୍ଡିଚା ଯାତ୍ରା, ବାହୁଡା ଯାତ୍ରା ଓ ନିଳାଦ୍ରି ବିଜେ ସମୟରେ ପ୍ରଭୂ ଟାହିଆ ହଲାଇ ଢ଼ଳି ଢ଼ଳି ବାଇଶପାହାଚରେ ଜନ ସମୁଦ୍ରରେ ଝୁଲି ଝୁଲି ପହଁରିବାର ଦୃଶ୍ୟ ଅବର୍ଣ୍ଣନୀୟ । ଏହି ଦୃଷ୍ଟିରୁ ବାଇଶ ପାହାଚର ମହାତ୍ମ୍ୟ ଅତୁଳନୀୟ । ତାହା ସାଧାରଣ ପଥରର ପାହାଚ ହୋଇ ନ ପାରେ । କେବେ ପ୍ରଳୟ ହେବ, ବାଇଶ ପାହାଚରେ ପ୍ରକୃତ ମୀନ ଖେଳିବ ଓ ବରୁଣ ଦେବ ରତ୍ନସିଂହାସନରେ ବସିବେ । ତାହା ସମୟ କହିବ । ବାଇଶ ପାହାଚ ଅତିକ୍ରମ କଲାପରେ ବାମ ପଟରେ ଭୋଗମଣ୍ଡପରୁ ପାକଶାଳାପର୍ଯ୍ୟନ୍ତ ଥିବା ରାସ୍ତାରେ ଅଛନ୍ତି ଅଗ୍ନିଶ୍ୱର ମହାଦେବ । ସେ ଆଗ୍ନେୟ କୋଣର ସୁରକ୍ଷା କରନ୍ତି । ପ୍ରତିଦିନ ରୋଷ ହୋମ ହୋଇ ବ୍ରହ୍ମାଗ୍ନି ସ୍ଥାପିତ ହେବାପରେ ଅଗ୍ନିଶ୍ୱର ମହାଦେବ ଏହି ଅଗ୍ନିକୁ ରକ୍ଷା କରନ୍ତି । ସେହି ରାସ୍ତାରେ ଦକ୍ଷିଣକୁ କାନ୍ଥରେ ଅନନ୍ତ ଶୟନ ମୂର୍ତ୍ତି ଦେଖିବାକୁ ମିଳେ । ମା' ଲକ୍ଷ୍ମୀ ପ୍ରଭୁଙ୍କ ପାଦ ମଞ୍ଚାଳୁଛନ୍ତି ।

ତାପରେ କେତେ ପାଦ ଆଗକୁ ଗଲେ ବାମପଟେ ସତ୍ୟନାରାୟଣଙ୍କ ମନ୍ଦିର । ପ୍ରଭୁ ସତ୍ୟନାରାୟଣ ଗୋଟିଏ କଳା ମୁଗୁନି ପଥରରେ ନିର୍ମିତ ଅତ୍ୟନ୍ତ କମନୀୟ ମୂର୍ତ୍ତି । ତାପରେ ଆଗକୁ ଗଲେ କଳ୍ପବଟ,ବଟଗଣେଶ ଓ ତାଙ୍କ ବାଟ ଦେଇ ବାଟ ମଙ୍ଗଳାଙ୍କୁ ଦର୍ଶନ କରିହୁଏ । ଏହି କଳ୍ପବଟ ପ୍ରଳୟ ପରଠାରୁ ଏହିଠାରେ ଅଛନ୍ତି ବୋଲି ବିଶ୍ୱାସ । ବଟ ଗଣେଶଙ୍କ ନିକଟରେ ବସି ଅତିବଡି ଜଗନ୍ନାଥ ଦାସ ସଂସ୍କୃତ ଭାଗବତକୁ ତାଙ୍କ ମା ଶୁଣିବା ନିମନ୍ତେ ଓଡିଆରେ ଅନୁବାଦ କରିଥିଲେ । ବଟ ଗଣେଶଙ୍କ ନିକଟରେ ଜଗନ୍ନାଥ ଦାସ ଶ୍ରୀ ଚୈତନ୍ୟଙ୍କୁ ଗୁରୁ କରିଥିଲେ ଓ ଶ୍ରୀ ଚୈତନ୍ୟଙ୍କ ଦ୍ୱାରା "ଅତିବଡି" ଉପାଧିରେ ଭୂଷିତ ହୋଇଥିଲେ । ଏହି ବଟବୃକ୍ଷକୁ କଳ୍ପବଟ କୁହାଯାଏ କାରଣ ଏଠାରେ ଭକ୍ତର ମାନସିକ ପୂରଣ ହୁଏ ।

ବଟ ଗଣେଶଙ୍କ ନିକଟସ୍ଥ ବାଟ ମଙ୍ଗଳାଙ୍କ ପର୍ଯ୍ୟନ୍ତ ଛୋଟ ରାସ୍ତାର ବାମ ପଟେ ପଞ୍ଚୁ ପାଣ୍ଡବଙ୍କର ଛୋଟ ଛୋଟ ଶିବ ମନ୍ଦିର ଅଛନ୍ତି । ଏହାର ଶେଷରେ ମାର୍କଣ୍ଡେୟଙ୍କ ମନ୍ଦିର ଅଛି । ପ୍ରଳୟ କାଳରେ ମାର୍କଣ୍ଡେୟ ଋଷି ଭାସିଗଲା ବେଳେ ବଟ ଉପରେ ଅଙ୍ଗୁଳି ପ୍ରମାଣ ପ୍ରଭୁଙ୍କ ଦର୍ଶନ ଲାଭ କରିଥିଲେ । କଳ୍ପବଟ ପାଖ ରାସ୍ତାରେ ଗଲେ ମୁକ୍ତି ମଣ୍ଡପ ପଣ୍ଡିତ ସଭା ଦର୍ଶନ କରି ଆଦି ନୃସିଂହ ଓ ବହୁ ଛୋଟ ଛୋଟ ପୁରାତନ ମନ୍ଦିର ଦେଖିବାକୁ ମିଳେ । ତତ୍ପରେ ଦେଖି ଥାଏ ରୋହିଣୀ କୁଣ୍ଡ । ଏହି କୁଣ୍ଡରେ ଭୂଷଣ୍ଡ କାକ ବୁଡିଯାଇ ଚତୁର୍ଭୁଜ ହୋଇଗଲା ।

ଥରେ ନାରାୟଣ ପ୍ରସନ୍ନ ହୋଇ ନୀଳାଚଳ ସମ୍ପର୍କରେ ବ୍ରହ୍ମାଙ୍କୁ ସୂଚନା ଦେଇଥିଲେ । ତଦନୁଯାୟୀ ବ୍ରହ୍ମା ଆବେଗ ପୂର୍ବକ ଭକ୍ତ ଧାମରେ ପ୍ରବେଶ କଲେ । ଭଗବାନ ଯେଉଁଠି ବାସ କରନ୍ତି ବ୍ରହ୍ମା ସେଠାକୁ ଗଲେ ଏବଂ ସ୍ତବପାଠପରେ ପ୍ରଭୁଙ୍କୁ ସେ ଯେପରି ଦେଖିଥିଲେ ଠିକ୍ ସେହିପରି ଦେଖିଲେ । ଆଶ୍ଚର୍ଯ୍ୟର କଥା ଯେ ବ୍ରହ୍ମା ହର୍ଷୋତ୍‌ଫୁଲ୍ଲ ଚିତ୍ତରେ ସ୍ତବ ପାଠ କରିବା ସମୟରେ କୌଣସି ସ୍ଥାନରୁ ପିପାସାର୍ତ୍ତ କାକ ପକ୍ଷୀଟିଏ ଉଡିଆସି ଜଳପୂର୍ଣ୍ଣ ରୋହିଣୀକୁଣ୍ଡରେ ବୁଡିଗଲା ଏବଂ ନୀଳମାଧବଙ୍କୁ ଦର୍ଶନ କରି ଭୂଲଣ୍ଠିତ ହେବାମାତ୍ରେ ଶରୀର ଛାଡି ଶଙ୍ଖଚକ୍ର ଗଦା ପଦ୍ମ ଧାରୀ ଚତୁର୍ଭୁଜ ହୋଇ ପ୍ରଭୁଙ୍କ ପାର୍ଶ୍ୱରେ ଅବସ୍ଥାନ କଲା ।

ଏହି ଅଦ୍ଭୁତ ଦୃଶ୍ୟ ଦେଖି ବ୍ରହ୍ମା ବିସ୍ମିତ ହେଲେ , ସେ ଭାବିଲେ ଏହା ଯୋଗୀନ୍ଦ୍ର ମାନଙ୍କ ପକ୍ଷେ ମଧ୍ୟ ଦୁର୍ଲ୍ଲଭ । ପୁଣି ମନୁଷ୍ୟ ମାନଙ୍କ ମୁକ୍ତି ବିଷୟ ନେଇ ମଧ୍ୟ ବେଦାନ୍ତରେ ସଂଶୟ ଅଛି । ଏହି ପରିପ୍ରେକ୍ଷୀରେ ଏକ କାକପକ୍ଷୀ ଚତୁର୍ଭୁଜ ହେବା ଅତି ବିଚିତ୍ର, ଏହା ଭଗବାନଙ୍କ କରୁଣାରୁ ଓ ଧାମ ମହାତ୍ମ୍ୟ ଦୃଷ୍ଟିରୁ କିଛି ଆଶ୍ଚର୍ଯ୍ୟ କଥା ନୁହେଁ । ସେ କାକର ନାମ ଭୁଷଣ୍ଡି କାକ, ତୁଳସୀ ରାମାୟଣରେ ମଧ୍ୟ ସେ ରାମ ଭକ୍ତ ଥିଲେ ବୋଲି ବର୍ଣ୍ଣିତ ହୋଇଅଛି । ସେହି ରୋହିଣୀ କୁଣ୍ଡର ପବିତ୍ର ଜଳ ପଣ୍ଡାମାନେ ସଞ୍ଚି ଭକ୍ତଙ୍କୁ ପବିତ୍ର କରାନ୍ତି ।

ତାପରେ ମା ବିମଳାଙ୍କ ଦର୍ଶନ : ବିମଳା ମନ୍ଦିରରେ ପ୍ରବେଶ ପାବଛ ନିକଟରେ ଦୀପ ଜଳାଇ ମା'ଙ୍କ ଦର୍ଶନ କରାଯାଏ । ମା ବିମଳା ଶ୍ରୀକ୍ଷେତ୍ରର କ୍ଷେତ୍ରେଶ୍ୱରୀ । ମାଆଙ୍କର କରୁଣାମୟୀ ମୁର୍ତ୍ତି ମୁଗୁନି ପଥରରେ ନିର୍ମିତ ତାଙ୍କ ଚକ୍ଷୁ ସୁବର୍ଣ୍ଣରେ ନିର୍ମିତ ହେତୁ ଜାଜୁଲ୍ୟମାନ । ତାଙ୍କୁ ଦର୍ଶନ କରି ଲୋତକ ଭରା ଚକ୍ଷୁରେ ଭକ୍ତ କଣ ମାଗେ ତାହାଙ୍କୁ ଜଣା । ଶ୍ରୀ ଶ୍ରୀ ବିମଳାଷ୍ଟକରେ ତାଙ୍କୁ ଆଦ୍ୟାଦେବୀ ଭଗବତୀ ରୂପେ ପ୍ରାର୍ଥନା କରାଯାଇଛି ।

"ଆଦ୍ୟା ଦେବୀ ପରାପ୍ରରା
ଭଗବତୀ ମାତା କୃପା ସାଗରୀ
ବ୍ରହ୍ମାନନ୍ଦ ପ୍ରଦାୟିନୀ ହରବଧୂଃ"
ଷଟ୍‌ଚକ୍ର ଚକ୍ରେଶ୍ୱରୀ
ମାୟା ମୋହମୟୀ ଜନୋଦୟକାରୀ
ତ୍ରାହି ମାଂ ବିମଳେ ସଦା ସୁଖକାରୀ
ଶ୍ରୀକ୍ଷେତ୍ର ରାଜେଶ୍ୱରୀ"

ସତୀଙ୍କ ଏକାବନ ଅଂଶରୁ ଏଠାରେ ପାଦ ଅଂଶ ପଡିଥିବାରୁ ବିମଳା ଶ୍ରୀପାଦ ପୀଠେଶ୍ୱରୀ ରୂପେ ପରଚିତ । ଶ୍ରୀ ଜଗନ୍ନଥ ମହାପ୍ରଭୁଙ୍କ ସମସ୍ତ ଧୂପ ନୈବେଦ୍ୟ ପରେ ବିମଳାଙ୍କୁ ସମର୍ପିତ ହୁଏ ତତ୍ପରେ ତାହା ମହାପ୍ରସାଦ ପଦବାଚ୍ୟ ହୁଏ ଓ ଆନନ୍ଦ ବଜାରରେ ବିକ୍ରୟ ହୁଏ । ମା ବିମଳାଙ୍କୁ ଦର୍ଶନ କରି ତାଙ୍କ ମନ୍ଦିର ସମ୍ମୁଖ ବାହାର ମଣ୍ଡପରେ ପାହାଚ ନିକଟରେ ବସି ମାଁ ଙ୍କୁ ଧ୍ୟାନ କରି ମନର କାମନା ଭକ୍ତ ଜଣାଇ ଥାଏ । ତତ୍ପରେ ନୀଳଚକ୍ର ତଳେ ଦକ୍ଷିଣ ପଟ ମନ୍ଦିରକୁ ଚାହିଁଲେ ଜଗନ୍ନାଥଙ୍କ ଚତୁର୍ଦ୍ଧା ମୂର୍ତ୍ତି ଦେଖିବାକୁ ମିଳେ । ଶ୍ରୀରାମଙ୍କ ଭକ୍ତ ବିଭୀଷଣ ସମୁଦ୍ରରେ ସ୍ନାନ କରି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପ୍ରତିଦିନ ଦର୍ଶନ କରନ୍ତି । ବିମଳାଙ୍କ ଜଗମୋହନର ନୈଋତ କୋଣରେ ଦକ୍ଷିଣକାଳୀ ପୂଜା ପାଉଛନ୍ତି ।

ତତ୍ପରେ ଉତ୍ତର ଦିଗକୁ ମୁହଁ କରି ବାମପଟେ କାଞ୍ଚି ଗଣେଶ, ସାକ୍ଷୀ ଗୋପୀନାଥ କ୍ଷୀର ଚୋରା ଗୋପୀନାଥ ଓ ନୀଳ ମାଧବଙ୍କ ଦର୍ଶନ କରାଯାଏ । ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ଜୟ କରି ଗଣେଶଙ୍କ ମୂର୍ତ୍ତି କାଞ୍ଚିରୁ ଆଣିଥିଲେ । ଏହାପରେ ମା' ସରସ୍ୱତୀ, ସାବିତ୍ରୀ, ଭୁବନେଶ୍ୱରୀ ଓ ଷଷ୍ଠୀ ମାଙ୍କୁ ଦର୍ଶନ କରି ଦୁଃଖ ଜଣାନ୍ତି । ସେହି ପଟେ ପଶ୍ଚିମ ଦିଗରେ ପଶ୍ଚିମ ଦ୍ୱାର ରହିଛି । ଏହି ଦ୍ୱାରକୁ ବ୍ୟାଘ୍ର ଦ୍ୱାର କୁହାଯାଏ ।

ମନ ଆଗକୁ ବଢେ ଓ ମା' ମହାଲକ୍ଷ୍ମୀଙ୍କ ଦର୍ଶନ ପାଇବା ପାଇଁ ଉତ୍କଣ୍ଠିତ ହୁଏ । ମା'ଙ୍କ ମନ୍ଦିର ଦକ୍ଷିଣ ପଟରେ ଧାଡି ଲଗାଇ ପ୍ରବେଶ କରିବାକୁ ହୁଏ । ଗର୍ଭଗୃହ ଭିତରକୁ ପଶିବା ଅଳିନ୍ଦ ପୂର୍ବରୁ ବାମପଟ କାନ୍ଥରେ ଲକ୍ଷ୍ମୀନୃସିଂହ ବିଗ୍ରହ ଅଛନ୍ତି । ପ୍ରଭୂନୃସିଂହଙ୍କ କୋଳରେ ମା' ଲକ୍ଷ୍ମୀ ବାମ ପାର୍ଶ୍ୱରେ ବସିଛନ୍ତି । ପାଦ ତଳେ ଶଙ୍କରାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଥିବାର ଜଣାଯାଏ । ମା' ଲକ୍ଷ୍ମୀଙ୍କ ଦର୍ଶନରେ ଭକ୍ତ ସବୁକିଛି ପାଇବାର ଅନୁଭବ କରେ । ସେ ଅନ୍ନପୂର୍ଣ୍ଣା ସଦାପୂର୍ଣ୍ଣ ଅଟନ୍ତି । ନାନା ପ୍ରକାର ଆଭୂଷଣରେ ଭୁଷିତା ହୋଇ ପଦ୍ମାସନରେ ଉପବେଶନ କରି ଅଭୟ ମୁଦ୍ରାରେ ଭକ୍ତକୁ ବରପ୍ରଦାନ କରନ୍ତି । ମହାଲକ୍ଷ୍ମୀ ହେଉଛନ୍ତି – ଆଦିଲକ୍ଷ୍ମୀ, ଧାନ୍ୟଲକ୍ଷ୍ମୀ, ଧୈର୍ଯ୍ୟଲକ୍ଷ୍ମୀ, ଗଜଲକ୍ଷ୍ମୀ, ଶ୍ରୀ ସନ୍ତାନ ଲକ୍ଷ୍ମୀ, ଶ୍ରୀ ବିଜୟଲକ୍ଷ୍ମୀ, ବିଦ୍ୟାଲକ୍ଷ୍ମୀ, ଧନଲକ୍ଷ୍ମୀ । ଏହି ଅଷ୍ଟଲକ୍ଷ୍ମୀଙ୍କୁ ନିଜ ନିଜର ଅଭିଷ୍ଟ ପୂରଣ ପାଇଁ ପୂଜା ପ୍ରାର୍ଥନା କରିଥାଆନ୍ତି । ଶ୍ରୀ ମହାଲକ୍ଷ୍ମୀଷ୍ଟକମ୍‌ରେ ଇନ୍ଦ୍ରଦେବ ମା'ଙ୍କୁ ସ୍ତୁତି କରିଛନ୍ତି

"ନମସ୍ତେଽସ୍ତୁ ମହାମାୟେ ଶ୍ରୀପୀଠେ
ସୁରପୂଜିତେ
ଶଙ୍ଖ ଚକ୍ରଗଦା
ହସ୍ତେ,ମହାଲକ୍ଷ୍ମୀ ନମୋଽସ୍ତୁତେ"

ଶ୍ରୀ ପଦ୍ମ ପୁରାଣରେ ମହାଲକ୍ଷ୍ମୀ ସ୍ତୋତ୍ରମ୍ ଅନୁସାରେ ଋଷିମାନେ ସ୍ତୁତି କରିଛନ୍ତି –

"ଓଁ ପଦ୍ମଗର୍ଭ ସ୍ଥିତା ଦେବୀ ପଦ୍ମାକ୍ଷୀ ପଦ୍ମସମ୍ଭବା ବିମଳା, କମଳା ପଦ୍ମା ଦେବୀ ତ୍ୱଂ ବିଷ୍ଣୁ ବଲ୍ଲଭେ"

ମା'ଙ୍କୁ ନିଷ୍ଠାରେ ପ୍ରାର୍ଥନା ଓ ପୂଜା କଲେ ମନୋଭିଷ୍ଟ ଫଳ ନିଶ୍ଚୟ ମିଳିଥାଏ ।

ମହାଲକ୍ଷ୍ମୀଙ୍କ ନିକଟରେ ସଧବା ସ୍ତ୍ରୀମାନେ ଶଙ୍ଖା ସିନ୍ଦୁର ପୂଜା କରି ନେଇଥାଆନ୍ତି । ଲକ୍ଷ୍ମୀଙ୍କ ମାର୍ଗଶୀର ମାସ ପୂଜା ପାଇଁ ମୂର୍ତ୍ତିଥିବା ମୁଦ୍ରା ନେଇ ଥାଆନ୍ତି ।

ମାନବ ଧର୍ମର ପ୍ରତୀକ ସ୍ୱରୂପ ମହାଲକ୍ଷ୍ମୀ ଶ୍ରୀମନ୍ଦିର ରୋଷଘର ପାଚିକା । ପ୍ରଭୁଙ୍କ ପାଇଁ ଷାଠିଏପଉଟି ଭୋଗ ରନ୍ଧନ କରନ୍ତି । ତାଙ୍କ ରନ୍ଧନ ପ୍ରଣାଳୀ କିପରି ଓ କେତେ ସମୟ ଲାଗେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଏଠାରେ ୭୪୨ ଚୁଲି ଓ ୭ଟି ଅଗ୍ନିମୁଖା ଚୁଲି । ଭୋଗ ରନ୍ଧନ ହୁଏ, ମାତ୍ର ଅନ୍ନ ଗଳା ଯାଏ ନାହିଁ । ଅଗ୍ନିଦେବ ଏଠାରେ ଅଗ୍ନିଶ୍ୱର ମହାଦେବ ରୋଷଘର ଅଗ୍ନିଙ୍କ ରକ୍ଷାକର୍ତ୍ତା । ଯଜ୍ଞ ହୋଇ ରନ୍ଧନ କାର୍ଯ୍ୟ ଆରମ୍ଭ ହୁଏ । ଗହୀଡ଼ା ଚୁଲିରେ ଅବଢ଼ା କୁଡୁଆ ଉପରେ କୁଡୁଆ ରଖି କାଠ ଜାଳି ଅନ୍ନସିଦ୍ଧ

(ପଞ୍ଚମ ପୃଷ୍ଠା ଦେଖନ୍ତୁ)

# ଶ୍ରୀ ଜଗନ୍ନାଥ.... (ଚତୁର୍ଥ ପୃଷ୍ଠାରୁ)

ହୁଏ । ଅନ୍ନଗଳା ହୁଏ ନାହିଁ । କୁଡୁଆ ଛିଦ୍ର ବାଟ ଦେଇ ଦକ୍ଷିଣ ରେ ଥିବା ପେଜ ନଳାକୁ ପେଜ ଯାଏ । ରୋଷଘର ଦ୍ୱାର ଆଡକୁ ଶ୍ରୀ ଗଣେଶଙ୍କ ଏକ ମୂର୍ତ୍ତିଅଛି । ସେ ରୋଷଘର ଓ ଭଣ୍ଡାର ଘରର ରକ୍ଷକ । ସୁଆରମାନେ ଥାଇ ମଧ୍ୟ ମା ଲକ୍ଷ୍ମୀ ସୁନାଚଟୁଧରି ଭୋଗ ରନ୍ଧନ କରନ୍ତି । ଲକ୍ଷ ଲକ୍ଷ ଲୋକ ମହାପ୍ରସାଦ ପାଇବାକୁ ଅପେକ୍ଷା କରିଥାଆନ୍ତି । ଏହାତ ମାଙ୍କ ମହିମା । ସେ ପରମ ବୈଷ୍ଣବୀ । ଶୁଣାଯାଏ ସେ କିନ୍ତୁ ତାଙ୍କ ପାଇଁ ଅଟା ସୁଜିର ସ୍ୱତନ୍ତ୍ର କାକରା ପ୍ରସ୍ତୁତ କରନ୍ତି । ମହାଲକ୍ଷ୍ମୀ ଦର୍ଶନ ପରେ କୁଆଡକୁ ଯିବାକୁ ଇଚ୍ଛା ହୁଏ ନାହିଁ । ଲକ୍ଷ୍ମୀ ମନ୍ଦିର ପରେ ନବଗ୍ରହଙ୍କ ମନ୍ଦିର ।

ନବଗ୍ରହ ଦର୍ଶନ ନିମିତ୍ତ ପାହାଚ ଚଢ଼ିବା ପୂର୍ବରୁ ତଳେ ଦୀପ ଷ୍ଟାଣ୍ଡରେ ଦୀପ ଜଳାଇ ଉପରକୁ ଚଢି ନବଗ୍ରହଙ୍କୁ ଦର୍ଶନ କରାଯାଏ । ପାହାଚ ତଳକୁ ଓହ୍ଲାଇ ପୂର୍ବ ଦିଗ ଆଡକୁ ଗଲେ ସୂର୍ଯ୍ୟ ନାରାୟଣ ମନ୍ଦିର ରହିଛି । ଏଠାରେ ସୂର୍ଯ୍ୟଙ୍କ ସମେତ ବୁଦ୍ଧ ମୂର୍ତ୍ତି ମଧ୍ୟ ପୂଜା ପାଉଛନ୍ତି । ଉତ୍ତର ପଟରେ ଅନେକ ଛୋଟ ଛୋଟ ମନ୍ଦିର ଅଛି, ଉତ୍ତର ଦ୍ୱାର ନିକଟର ପାତାଳେଶ୍ୱର ମନ୍ଦିର ଓ ଚୈତନ୍ୟଙ୍କ ପାଦପଦ୍ମ ଅଛି ।

ବର୍ତ୍ତମାନ ଚତୁର୍ଦ୍ଧା ମୂର୍ତ୍ତି ଦର୍ଶନ ପାଇଁ ମନ ବ୍ୟାକୁଳ । ନାଟମଣ୍ଡପର ଉତ୍ତର ପଟ ପାହାଚ ଚଢି ଚଢି ଭକ୍ତ ଗରୁଡ ସ୍ତମ୍ଭ ନିକଟରେ ପହଞ୍ଚି ଥାଏ । ବାହାରେ ଦୀପ ଜଳାଯାଏ । ଗରୁଡ଼ ସ୍ତମ୍ଭ ପାଖରେ ବର୍ତ୍ତମାନ ଦୀପ ଦିଆଯାଉନାହିଁ । ସ୍ତମ୍ଭର ଉପର ଅଂଶରେ ପ୍ରଭୂଙ୍କ ବାହାନ ଗରୁଡ଼ ବିଦ୍ୟମାନ । ସେ ଅପଲକ ନୟନରେ ଯୋଡହସ୍ତରେ ପ୍ରଭୁଙ୍କୁ ଚାହିଁଥାନ୍ତି । ଗରୁଡସ୍ତମ୍ଭ ପଛପଟେ ରହି ସ୍ତମ୍ଭ ଛୁଇଁ ପ୍ରଭୁ ଜଗନ୍ନାଥଙ୍କୁ ଚାହିଁଲେ ତାଙ୍କ ଚକାଆଖି ଦେଖାଯାଏ । ଶ୍ରୀଚୈତନ୍ୟ ସେହିଠାରେ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ । ଗରୁଡ ସ୍ତମ୍ଭ ପଛକୁ ଭୋଗମଣ୍ଡପ । ସେଇଠି ଭୋଗମଣ୍ଡପ ନୀତିରେ ଭୋଗ କରାଯାଏ । ଗରୁଡ ସ୍ତମ୍ଭ ନିକଟରୁ ଆଗକୁ ଯାଇ ଜଗମୋହନରେ ନୟନ ପଟରେ ଦେଖେ ଅବର୍ଣ୍ଣନୀୟ ରତ୍ନସିଂହାସନସ୍ଥ ଚତୁର୍ଦ୍ଧା ମୂର୍ତ୍ତି - ସ୍ତମ୍ଭାକୃତି ସୁଦର୍ଶନ, ପ୍ରଭୁ ଜଗନ୍ନାଥ, ମା' ସୁଭଦ୍ରା ଓ ବଡଭାଇ ବଳଭଦ୍ର । ଚତୁର୍ଦ୍ଧା ମୂର୍ତ୍ତିଙ୍କ ବ୍ୟତିତ ମାଧବ ଶ୍ରୀଦେବୀ ଓ ଭୂଦେବୀଙ୍କ ମୂର୍ତ୍ତି ଜଗନ୍ନାଥଙ୍କ ଆସ୍ଥାନର ନିମ୍ନଭାଗରେ ଓ ବଳଭଦ୍ରଙ୍କ ପାଖରେ ରାମକୃଷ୍ଣ । ଗର୍ଭଗୃହରେ ଠାକୁର କେତେ ବୃହତ୍ ଦେଖାଯାଆନ୍ତି, ତାହା ପ୍ରତ୍ୟକ୍ଷଦର୍ଶୀ ହିଁ ହୃଦୟଙ୍ଗମ କରିପାରିବ । ସେ ଶିହରଣ, ପୁଲକିତ ପ୍ରାଣ, କେବଳ ଲୋମ ଓ ନେତ୍ରର ଲୋତକ ହିଁ ବୁଝି ପାରିବ । ପ୍ରଭୂଙ୍କୁ ମନ ଭରି ଦର୍ଶନ ପରେ ବାହାରକୁ ଫେରିବାକୁ ହୁଏ ।

କୀର୍ତ୍ତନ ଚକଡ଼ା ବା ପାଟ ଅଗଣାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଲକ୍ଷ୍ମୀମନ୍ଦିର କୁ ମୁହଁ କରି ଠିଆ ହେଲେ ବାମ ପଟେ ସତ୍ୟନାରାୟଣ ଓ ସାମ୍ନାରେ ମହାଲକ୍ଷ୍ମୀ ଏକା ସାଙ୍ଗରେ ଦର୍ଶନ କରିହୁଏ । ଆନନ୍ଦ ବଜାର ଯିବା ପୂର୍ବରୁ ଭିତରବେଢା ପାଟ ଅଗଣାରେ ନୀଳଚକ୍ର ଓ ପତିତପାବନ ବାନା ଦର୍ଶନ କରି ଅନ୍ୟ ତିନୋଟି ଦ୍ୱାର ଦେଖିବାକୁ ଇଚ୍ଛା ହୁଏ ।

କଳ୍ପବଟ ପାଖ ଦକ୍ଷିଣ ଦିଗ ପଟକୁ ଦକ୍ଷିଣଦ୍ୱାର । ଏହି ଦ୍ୱାର ଦେଇ ରାଜା ମହାରାଜା, ସାଧୁ ସନ୍ଥ ଓ ପାଟ ମାହାଦେଇ ଦର୍ଶନାର୍ଥେ ଆସି ଥାଆନ୍ତି । ଏହାକୁ ଅଶ୍ୱ ଦ୍ୱାର କହନ୍ତି । ପ୍ରଭୁ କାଞ୍ଚି ଆଭିଯାନରେ ଏହି ଦ୍ୱାରରୁ ଯାତ୍ରା କରିଥିଲେ । ବାମପଟେ ଏକ ହଲରେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ରହିଛନ୍ତି । ସମ୍ମୁଖରେ ଗୌରାଙ୍ଗ ମହାପ୍ରଭୁ, ନୃସିଂହ ଅଛନ୍ତି, ଅନେକ ଫଟୋଚିତ୍ର ରହିଛି ।

ପଶ୍ଚିମ ଦ୍ୱାର ବ୍ୟାଘ୍ର ରୂପେ ପରିଚିତ । ଏହିଦ୍ୱାର ଉତ୍ତର ପଟକୁ ମହାବୀର ଅଛନ୍ତି । ହନୁମାନ ପଶ୍ଚିମ ଦ୍ୱାରକୁ ଜଗି ରହିଛନ୍ତି ତାଙ୍କୁ କାନପତା ହନୁମାନ କହନ୍ତି । ଏହି ଦ୍ୱାରରେ ନିଳାଦ୍ରି ବିହାର ତଥା ନୀଳାଚଳ ଉପବନ ରହିଛ । ଏଠାରେ ଚାରିଧାମର ପ୍ରତୀକାତ୍ମକ ଦୃଶ୍ୟ ଓ ବିଶ୍ୱରୂପ ଦର୍ଶନର ଚିତ୍ରପଟ ଅଛି । ଅଳ୍ପ ଦୂରରେ ମହାପ୍ରସାଦ ଖଳା ଅବଢାକୁ ଶୁଖାଇ ମହାପ୍ରସାଦ କରାଯାଇ ଛୋଟ ଛୋଟ ମୁଣିରେ ବିକ୍ରୀକରିବା ପାଇଁ ପ୍ରସ୍ତୁତ କରାଯାଇଥାଏ । ଶ୍ରୀମନ୍ଦିର ଉତ୍ତର ଦ୍ୱାରକୁ ହସ୍ତୀଦ୍ୱାର କୁହାଯାଏ । ଆଠଫୁଟ୍ ଉଚ୍ଚତା ବିଶିଷ୍ଟ ହସ୍ତୀ ଉପରେ ମାହୁନ୍ତ ବସିଛନ୍ତି । ଦୁଇ ପଟରେ ଦୁଇଟି ହସ୍ତୀ । ଏହାକୁ ଚେମେଣି ଦ୍ୱାର ମଧ୍ୟ କୁହାଯାଏ । ଏହି ଉତ୍ତର ଦ୍ୱାର ଭିତରେ ପଶ୍ଚିମ ପଟରେ କୋଇଲି ବୈକୁଣ୍ଠ ଅଛି । ସୂର୍ଯ୍ୟାସ୍ତ ପରେ ଏହି ଦ୍ୱାର ବନ୍ଦ କରାଯାଏ । ଗଭୀର ରାତ୍ରିରେ ଦେବତା ମାନେ ସିଂହାସନରେ ପ୍ରଭୁଙ୍କୁ ଦର୍ଶନ କରନ୍ତି ବୋଲି ଶୁଣାଯାଏ । କୋଇଲି ବୈକୁଣ୍ଠ ପୁରାତନ ଦାରୁ ବିଗ୍ରହ ମାନଙ୍କ ଚିର ବିଶ୍ରାମ ସ୍ଥଳୀ ଓ ନୂତନ ଦାରୁଙ୍କ ଆଶ୍ରୟ ସ୍ଥଳୀ । କୋଇଲି ବୈକୁଣ୍ଠ ବୁଲି ଦେଖିବା ପାଇଁ ଟିକେଟ କରି ଯାଇହୁଏ । ଏହା ଭିତରେ ତୁଳସୀ ଓ ଅନ୍ୟାନ୍ୟ ଫୁଲଗଛ ରହିଛି । ଉତ୍ତର ଦ୍ୱାର ପଟେ ଶ୍ରୀମନ୍ଦିର ଭିତରେ ଶୀତଳା ଠାକୁରାଣୀଙ୍କ ଛୋଟ ମନ୍ଦିର ଅଛି ଓ ସୁନା କୂପ ଅଛି ଏହି କୂଅର ପୁରୁଣାପାଣି ସ୍ନାନଯାତ୍ରା ସମୟରେ ପୂର୍ବଦିନରୁ କଢାଯାଇ ପରିଷ୍କାର କରାଯାଏ ଓ ନୂଆପାଣି ଝରେ । ଏହି କୁଅର ପାଣି ପୂଜାରେ ଓ ସ୍ନାନଯାତ୍ରା ସମୟରେ ବ୍ୟବହୃତ ହୁଏ । ତାପରେ ଭକ୍ତ ଆନନ୍ଦ ବଜାରରେ ପ୍ରବେଶ କରି ପ୍ରଥମେ ଟଙ୍କ ତୋରାଣି ପିଇ ମନକୁ ଆନନ୍ଦ ଓ ଆତ୍ମାକୁ ତୃପ୍ତ କରେ । ସତେ ଅବା ବୁଲିବାର କ୍ଳାନ୍ତି ଦୂର ହୋଇଯାଏ । ଆନନ୍ଦ ବଜାରରେ ଅନ୍ନ ମହାପ୍ରସାଦ ଓ ଶୁଖିଲା ଭୋଗ ମିଳେ । ଏହାର ଉତ୍ତରପୂର୍ବ ଆଡକୁ ସ୍ନାନ ମଣ୍ଡପ ରହିଅଛି । ସ୍ନାନଯାତ୍ରା ସମୟରେ ତିନିଠାକୁର ଏଠାରେ ସ୍ନାନକରନ୍ତି ।

ଓଡିଆ ପରମ୍ପରାରେ ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି ବାର ମାସରେ ତେର ପର୍ବ ପାଳିତ ହୁଏ । ବୈଶାଖର ଅକ୍ଷୟ ତୃତୀୟା ଠାରୁ ରୌଦ୍ର ତାପରୁ ରକ୍ଷା ପାଇବା ନିମିତ୍ତ ଶ୍ରୀ ଜୀଉମାନେ ନରେନ୍ଦ୍ର ପୁଷ୍କରିଣୀ କୁ ଘଣ୍ଟା ଘଣ୍ଟାବାଦ୍ୟରେଚପ ଖେଳିବାକୁ ଯାଆନ୍ତ । ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ଚଳନ୍ତି ପ୍ରତିମା ମଦନ ମୋହନ, ଭୂଦେବୀ, ଶ୍ରୀଦେବୀ, ପଞ୍ଚ ମହାଦେବ ଓ ରାମକୃଷ୍ଣ ଙ୍କୁ ମଣି ବିମାନ ଓ ପାଲିଙ୍କିରେ ନିଅନ୍ତି । ମଣିବିମାନରେ ମହାପ୍ରଭୁ ମଦନମୋହନ, ଭୁଦେବୀ ଓ ଶ୍ରୀଦେବୀ ଏବଂ ପାଲିଙ୍କିରେ ରାମକୃଷ୍ଣ ପଞ୍ଚମହାଦେବ ଯାଆନ୍ତି । ଗୋଟିଏ ଲାଲ ଚାପରେ ରାମକୃଷ୍ଣ ଓ ପଞ୍ଚମହାଦେବ, ଧଳାଚପରେ ମଦନମୋହନ ଭୂଦେବୀ,ଶ୍ରୀଦେବୀ ଚପ ଖେଳନ୍ତି । ଚନ୍ଦନ କୁଣ୍ଡଥାଏ । ପ୍ରଥମ କୁଣ୍ଡରେ ରାମକୃଷ୍ଣ ଦ୍ୱିତୀୟ କୁଣ୍ଡରେ ମଦନମୋହନ ଭୁଦେବୀ, ଶ୍ରୀଦେବୀ ଓ ତୃତୀୟ କୁଣ୍ଡରେ ପଞ୍ଚ ମହାଦେବ ବୁଡି ଥାଆନ୍ତି । ଫେରିଲା ବେଳେ ମାଣ୍ଡୁଅଇତ୍ୟାଦି ଭୋଗ ଖାଆନ୍ତି ଓ ବାଟରେ ପନ୍ତି ଭୋଗ ଖାଆନ୍ତି । ଏହା ମଠ ମାନେ ଦିଅନ୍ତି । ଜ୍ୟେଷ୍ଠ ମାସରେ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ସ୍ନାନ ଯାତ୍ରା ହୁଏ । ଏହାକୁ ସ୍ନାନ ପୂର୍ଣ୍ଣିମା ମଧ୍ୟ କରନ୍ତି ।

"ସ୍ନାନ ଗୁଣ୍ଡିଚ୍ଚ ଏ ବେନି ସ୍ୱୟଂଲୀଳା ଯାର
ପତିତ ପାବନ ଅର୍ଥେ ପ୍ରାସାଦୁଁ ବାହାର"

ଠାକୁରମାନେ ରତ୍ନସିଂହାସନରୁ ପହୁଣ୍ଡ ହୋଇ ଟାହିଆ ପିନ୍ଧି ସ୍ନାନବେଦୀକୁ ଆସନ୍ତି । ଆନନ୍ଦବଜାର ନିକଟରେ ସ୍ନାନବେଦୀ । ସେଠାରେ ସ୍ନାନଯାତ୍ରା ହୁଏ । ଏହା ଦେବ ସ୍ନାନ ପୂର୍ଣ୍ଣିମା । ସ୍ନାନଯାତ୍ରର ପୂର୍ବଦିନ ଅର୍ଥାତ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ସମସ୍ତ ନୀତି ପାଳନ କରାଯାଇ ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟସ୍ଥ "ଶୀତଳା ଦେବୀ"ଙ୍କୁ ପୂଜା କରି ତାଙ୍କ ନିକଟରେ ଥିବା ସୁନାକୂଅ ଜଳ ଉଠା ଯାଏ । ନୂତନ କ୍ଷରିତ ଜଳରେ ସମସ୍ତ ତୀର୍ଥ ଜଳ ପ୍ରବେଶ କରିଥାନ୍ତି । ସେ ଦିନ ଶ୍ରୀଜୀଉମାନଙ୍କୁ ଗଙ୍ଗା ଓ ଯମୁନା ଜଳରେ ସ୍ନାନ କରାଯିବାର ବିଧିଅଛି । ଏହିଜଳ ଆନନ୍ଦବଜାର ସରଘରେ ଗରାରେ ପୂର୍ବରୁ ରଖିଥାନ୍ତି । ଗରାରେ ଘୋରା ହୋଇଥିବା ଚନ୍ଦନ,କର୍ପୁର ଚୁଆ ମିଶାଯାଇ ଜଳକୁ ଅଭିମନ୍ତ୍ରିତ କରାଯାଏ । ସେହି ଜଳ ମେକାପମାନେ ଧରିଥିବା ରୂପା ଢ଼ାଳରେ ଗରାବଡୁ ମାନେ ଢ଼ାଳନ୍ତି । ତିନିଜଣ ମେକାପ ତିନିଜଣ ପୂଜାପଣ୍ଡାଙ୍କୁ ବଢ଼ାଇ ଦିଅନ୍ତି । ପୂଜାପଣ୍ଡା ମାନେ ସେ ଜଳକୁ ନେଇ ଶ୍ରୀଜୀଉମାନଙ୍କ ମୁଣ୍ଡରେ ଢ଼ାଳନ୍ତି । ସ୍ନାନ ନିମନ୍ତେ ଶ୍ରୀଜଗନ୍ନାଥଙ୍କୁ ପଞ୍ଚତିରିଶଗଡୁ, ଶ୍ରୀ ବଳଭଦ୍ରଙ୍କୁ ତେତିଶ ଗଡୁ, ସୁଭଦ୍ରାଙ୍କୁ ବାଇଶ ଗଡୁ ଓ ସୁଦର୍ଶନଙ୍କୁ ଅଠରଗଡୁ ସୁବାସିତ ଓ ଅଭିମନ୍ତ୍ରିତ ଜଳରେ ସ୍ନାନ କରାଯାଏ । ସର୍ବମୋଟ ୧୦୮ ଗଡୁ ଜଳ ବ୍ୟବହାର କରାଯାଏ । ସ୍ନାନ ଶେଷରେ ଗଜପତି କିମ୍ବା ତାଙ୍କ ପ୍ରତିନିଧି ମୁଦିରସ୍ତ ଛେରା ପହଁରା କରିଥାଆନ୍ତି । ତା ପରେ ଭୋଗ ଅର୍ପଣ କରାଯାଏ । ଅପରାହ୍ନରେ ଶ୍ରୀ ଜଗନ୍ନାଥ ଓ ବଳଭଦ୍ରଙ୍କୁ ଗଜାନନ ବା ଗଣପତି ଅଥବା ହାତୀବେଶ କରାଯାଏ । ଶ୍ରୀଜୀଉମାନଙ୍କ ବତିଶ ବେଶରୁ ଏହା ଅନ୍ୟତମ । ଶ୍ରୀଜଗନ୍ନାଥଙ୍କ ଗଣପତି ବେଶ ଧାରଣର ଏକ ହୃଦୟ ସ୍ପର୍ଶୀ କିମ୍ବଦନ୍ତୀ ଅଛି । ପଞ୍ଚଦଶ ଶତାବ୍ଦୀର ମହାରାଷ୍ଟ୍ର ରୁ ଗଣପତି ଭଟ୍ଟ ନାମରେ ଜଣେ ଗଣେଶଙ୍କ ଭକ୍ତ ପୁରୀ ଆସିଥିଲେ । ସ୍ନାନ ପୂର୍ଣ୍ଣିମାର ପୂର୍ବାହ୍ନରେ ଜଗନ୍ନାଥଙ୍କୁ ସ୍ନାନ ବେଦୀରେ ଦର୍ଶନ କରି ତାଙ୍କ ଆରାଧ୍ୟ ଦେବତା ଗଣପତି ରୂପରେ ଦର୍ଶନ କରି ନ ପାରି ମନଦୁଃଖରେ ଫେରି ଯାଉଥିଲେ ।, ଭକ୍ତବତ୍ସଳ ଜଗନ୍ନାଥ ଭକ୍ତର ମନକଥା ଜାଣି ତାଙ୍କୁ ପୁନଃ ଦର୍ଶନ କରାଇବାର ସ୍ୱପ୍ନାଦେଶ ମୁଦିରଥଙ୍କୁ ହେଲା । ସେ ପ୍ରତ୍ୟାବର୍ତ୍ତନ କରି ଗଣପତି ବେଶରେ ଆରାଧ୍ୟ ଦେବତାଙ୍କୁ ଦର୍ଶନ କରି ନିଜକୁ ଭାଗ୍ୟବାନ ମନେକଲେ । ସେହି ଦିନ ଠାରୁ ଜଗନ୍ନାଥଙ୍କର ଗଣପତି ବେଶ ବା ହାତୀବେଶ ସ୍ନାନ ପୂର୍ଣ୍ଣିମା ଦିନ ସ୍ନାନ ବେଦୀରେ ଅପରାହ୍ନରେ ହୋଇ ଆସୁଛି । ମାତ୍ର ସୁଭଦ୍ରାଙ୍କର ହାତୀବେଶ ହୋଇ ନ ଥାଏ, ସୁଭଦ୍ରା ଅନ୍ୟ ଅଳଙ୍କାରରେ ଆଭୂଷିତା ହୋଇ ଥାଆନ୍ତି । ବିଳମ୍ବ ରାତି ଯାଏ ଏହି ବେଶ ରହିଥାଏ । ଏହାପରେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରି ଅଣସର ଗୃହକୁଯାଇ ଅବସ୍ଥାନ କରନ୍ତି । ଅଣସର ନୀତି ଶେଷ ହେବାପରେ ନବଯୌବନ ଦର୍ଶନ , ନେତ୍ରୋତ୍ସବ ଶେଷ ହେଲେ ରଥଯାତ୍ରା ନିମନ୍ତେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ରଥକୁ ଶ୍ରୀଜୀଉମାନେ ବିଜେ ହୋଇ ଥାଆନ୍ତି । ଅଣସର ସମୟରେ ପଟ୍ଟ ଦିଅଁ ପୂଜା ହୁଅନ୍ତି ଓ ଭକ୍ତ ମାନେ ଅଲାରନାଥ (ବ୍ରହ୍ମଗିରି) ଯାଇ ପ୍ରଭୁଙ୍କ ଦର୍ଶନ ପାଆନ୍ତି । ଏହା ପୁରୀଠାରୁ ୨୨ କିଲୋକିଟର ଦୂର । ଆଷାଢ଼ ଅମାବାସ୍ୟକୁ ଉଭା ଅମାବାସ୍ୟା କୁହାଯାଏ । ଏହି ଦିନ ପଟ୍ଟଦିଅଁ ରୂପେ ପୂଜା ପାଉଥିବା ଦୋଳ ଗୋବିନ୍ଦ ରାମକୃଷ୍ଣ, ନୃସିଂହ, ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ,ନାରାୟଣ, ବାସୁଦେବ ଓ ଭୁବନେଶ୍ୱରୀ ନିଜ ନିଜ ସ୍ଥାନକୁ (ମଣ୍ଡଣି ଗୃହ) ନିଆଯାଏ । ବର୍ଷକ ପରେ ପଟ୍ଟଦିଅଁମାନଙ୍କୁ ଜଳରେ ବିସର୍ଜନ କରାଯାଏ । ତତ୍ପରେ ଅଣସର ତାଟି ଖୋଲାଯାଏ । ପାଣିପଡି ପରିଷ୍କାର ହେବାପରେ ସର୍ବସାଧାରଣଙ୍କୁ ଦର୍ଶନ ପାଇଁ ଛାଡନ୍ତି । ଏହାକୁ ଜୀଉମାନଙ୍କର ନବଯୌବନ ଦର୍ଶନ ବୋଲି କୁହାଯାଏ । ଏହି ଦିନ ଠାକୁର ମାନେ ପ୍ରଥମ ଦର୍ଶନ ଦେଉଥିବାରୁ ଏହାକୁ ଉଭା ଅମାବାସ୍ୟା କହନ୍ତି । ନବ ଯୌବନ ଦର୍ଶନ ର ଦୁଇଦିନ ପୂର୍ବରୁ ଜୀଉମାନଙ୍କର ରଙ୍ଗକାର୍ଯ୍ୟ କରାଯାଏ ।

ଆଷାଢ଼ ଶୁକ୍ଳ ପ୍ରତିପଦା ଦିନ ଜୀଉମାନଙ୍କର 'ନେତ୍ରୋତ୍ସବ' ହୋଇଥାଏ । ସାଧାରଣଃ ସକାଳଓଳି ନେତ୍ରୋତ୍ସବ ହୁଏ । ଏହାର ପୂର୍ବ ରାତିରେ ଦତ୍ତ ମହାପାତ୍ରମାନେ ତିନି ଗୋଟି ରୂପା ପାତ୍ରରେ କଳା ପ୍ରସ୍ତୁତ କରି ତିନି ଗୋଟି ତୂଳି ସହ ପୂଜକଙ୍କୁ ଦେଇଥାଆନ୍ତି । ଏହି କଳା ନେଇ ପୂଜକ ତିନି ଜୀଉଙ୍କ ନେତ୍ରରେ ଆଂଶିକ ଛାଡି ଯାଇଥିବା କାର୍ଯ୍ୟକୁ ପୂର୍ଣ୍ଣ କରିଥାନ୍ତି । ଏହା ଜୀଉଙ୍କ "ଚକ୍ଷୁଦାନ" ବୋଲି କୁହାଯାଏ । ଏହାହିଁ ନେତ୍ରୋତ୍ସବ । ନେତ୍ରୋତ୍ସବ ଶେଷ ହେବା ପରେ ଜୀଉମାନଙ୍କୁ ବନ୍ଦାପନା କରାଯାଇ "ନିଉଛାଳି" ଗାମୁଛା ଲାଗିହୁଏ । ଏହାପରେ ମହାସ୍ନାନ ପୁଷ୍ପଲାଗି ଓ ଚନ୍ଦନ ଲାଗି ହୋଇ ସର୍ବାଙ୍ଗ ନୀତି ଶେଷ ହୁଏ । ଏହି ତିଥି ରଥଯାତ୍ରାର ପ୍ରାକ୍ ପ୍ରସ୍ତୁତି ଓ ଏହି ନୀତି ପରେ ଶ୍ରୀ ଜୀଉମାନଙ୍କଠାରୁ ଆଜ୍ଞାମାଳ ନେଇ ଶ୍ରୀନଅର ନିକଟରେ ତିନିରଥରେ ଦେବାପରେ ରଥ ତିନୋଟି ସିଂହଦ୍ୱାର ନିକଟକୁ ଆସିଥାଆନ୍ତି । ସବୁ ପର୍ବ ଓ ଯାତ୍ରାମାନଙ୍କ ମଧ୍ୟରେ ରଥଯାତ୍ରା ପ୍ରଧାନ । ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ରଥଯାତ୍ରା ଅନୁଷ୍ଠିତ ହୁଏ । ଏହି ଯାତ୍ରାକୁ ଘୋଷଯାତ୍ରା, ନବଦିନାତ୍ମକ ଯାତ୍ରା, ପତିତପାବନ ଯାତ୍ରା, ଦଶାବତାର ଯାତ୍ରା, ଆଡପ ଯାତ୍ରା, ମହାବେଦୀ ଯାତ୍ରା ଓ ଅନ୍ତର୍ବେଦୀ ଯାତ୍ରା କୁହାଯାଏ । ରଥରେ ବାମନରୂପୀ - ଜଗନ୍ନାଥଙ୍କୁ ଦର୍ଶନ



କଲେ ପୁନଃର୍ଜନ୍ମ ହୁଏ ନାହିଁ ବୋଲି ବ୍ରହ୍ମପୁରାଣରେ ବର୍ଣ୍ଣିତ ହୋଇଛି ।

ଶ୍ରୀଗୁଣ୍ଡିଚ୍ଚ ଦିନ ସମସ୍ତ ନୀତି ସମାପ୍ତି ପରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ ଖେଚୁଡି ଭୋଗଲାଗି ହୁଏ । ତତ୍ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ବିଜୟ ଆରମ୍ଭ ହୁଏ । ପ୍ରଥମେ ସୁଦର୍ଶନ, ତତ୍ପରେ ଶ୍ରୀ ବଳଭଦ୍ର, ମା' ସୁଭଦ୍ରା ଓ ଶେଷରେ ଶ୍ରୀ ଜଗନ୍ନାଥଙ୍କ ପହଣ୍ଡି କରାଯାଇ ରଥ ଉପରକୁ ଅଣାଯାଏ । ସାତ ପାହାଚ ନିକଟରେ ରାଘବ ଦାସ ମଠ ପକ୍ଷରୁ ଟାହିଆଶ୍ରୀଜୀଉମାନଙ୍କ ମସ୍ତକରେ ଲାଗିହୁଏ । ଖୁଣ୍ଟିଆଙ୍କ "ମଣିମା, ମଣିମା" ଡାକ ଓ ଘଣ୍ଟ ଘଣ୍ଟା ହରିବୋଲ ହୁଳହୁଳି ଧ୍ୱନିରେ ପହଣ୍ଡି ହୁଏ ।

ଚକ୍ରରାଜ ସୁଦର୍ଶନ ପ୍ରଥମେ ଆସି ମା ସୁଭଦ୍ରାଙ୍କ ଦେବଦଳନ ରଥରେ ରଥାରୂଢ ହୁଅନ୍ତି । ତତ୍ପରେ ବଳଭଦ୍ର ତାଳଧ୍ୱଜ ରଥରେ ବିଜେ ହୁଅନ୍ତି । ହରିଦ୍ରା-ବଦନୀ କାମ୍ପିଲ୍ୟବାସିନୀ ମା ସୁଭଦ୍ରା ଦେବଦଳନ ରଥରେ ବିଜେ ହେବା ପରେ ଶ୍ରୀ ଜଗନ୍ନାଥ ପହଣ୍ଡିରେ ଆସି ନନ୍ଦିଘୋଷ ରଥରେ ଆରୁଢ଼ ହୁଅନ୍ତି । ତତ୍ପରେ ରାମ ଓ କୃଷ୍ଣ ବଳଭଦ୍ରଙ୍କ ରଥରେ ବସିବା ପରେ ଶ୍ରୀମଦନମୋହନ ନନ୍ଦିଘୋଷ ରଥକୁ ଆସନ୍ତି । ସୋଲ ନିର୍ମିତ ଚିତା ଲାଗି ହେବା ପରେ ଜୀଉମାନଙ୍କର ବେଶବାସ ଓ ଅଳଙ୍କାର ଥିବା ସିନ୍ଧୁକ ଗୁଡିକ ରଥରେ ଯଥା ସ୍ଥାନରେ ରଖାଯାଏ । ସମସ୍ତ ପ୍ରସ୍ତୁତି ଶେଷ ହେବା ପରେ ଶ୍ରୀ ଗଜପତି ମହାରାଜାଙ୍କୁ ଛେରା ପହଁରା ପାଇଁ ନିମନ୍ତ୍ରଣ କରାଯାଏ । ଗଜପତି ମହାରାଜା ସେଦିନ ଉପବାସ ରେ ଥାଆନ୍ତି । ସେ ରାଜବେଶରେ ତାମଯାନୀ ଚଢ଼ି ଛତ୍ର କାହାଳୀ ପଟୁଆରରେ ଆସନ୍ତି । ପ୍ରଥମେ ବଳଭଦ୍ର ତାପରେ ଜଗନ୍ନାଥ ଓ ଶେଷରେ ସୁଭଦ୍ରାଙ୍କ ରଥରେ ଛେରାପହଁରା କରି ନିଜ ଶ୍ରୀନଅରକୁ ପ୍ରସ୍ଥାନ କରନ୍ତି । ତାପରେ ବଳଭଦ୍ରଙ୍କ ରଥରେ କଳାଘୋଡା,ଜଗନ୍ନାଥଙ୍କ ରଥରେ ଧଳା ଘୋଡା ଓ ସୁଭଦ୍ରାଙ୍କ ରଥରେ ନାଲି ଘୋଡା, ଚାରିଗୋଟି ଲେଖାଁଏ ଯୋଚା ହୁଅନ୍ତି,ଚାରମାଳ ଖୋଲାଯାଏ । ଦଉଡି ଲଗାଯାଇ ରଥଟଣା କାର୍ଯ୍ୟ ଆରମ୍ଭ ହୁଏ । ରଥରେ ଶୁଖିଲା ଭୋଗ ହୁଏ ।

ଗୁଣ୍ଡିଚ୍ଚ ଘରେ ପହଞ୍ଚିଲେ ପହଣ୍ଡି କରାଯାଇ ଠାକୁର ମାନଙ୍କୁ ଆଡପମଣ୍ଡପକୁ ନିଆ ଯାଇଥାଏ । ବଡଦାଣ୍ଡ ଜନ ସମୁଦ୍ରର ଲହଡି ଭାଙ୍ଗୁଥାଏ । ଭକ୍ତ ମନଭରି ଦର୍ଶନ କରି ଗୁହାରି ଜଣାଏ । ହେରା ପଞ୍ଚମୀ ଦିନ ଲକ୍ଷ୍ମୀ ଠାକୁରାଣୀ କ୍ରୋଧାନ୍ୱିତ ହୋଇ ସ୍ୱତନ୍ତ୍ର ବିମାନ ଚଢି ଗୁଣ୍ଡିଚା ଘର ଆଡପମଣ୍ଡପ ଆସି ନନ୍ଦିଘୋଷ ରଥରୁ ଖଣ୍ଡେ କାଠ ଭାଙ୍ଗି ଦିଅନ୍ତି । ସେଆସିଲା ବେଳେ ବିମଳାଙ୍କୁ ଜଣାଇ ମୋହଚୂର୍ଣ୍ଣ ଆଣି ଠାକୁରଙ୍କୁ ଶ୍ରୀମନ୍ଦିର ଶିଘ୍ର ଫେରିଯିବାର ବ୍ୟବସ୍ଥା କରନ୍ତି । ବିଭିନ୍ନ ସାହିରେ ଭୋଗ ଖାଇ ଶ୍ରୀମନ୍ଦିର ଫେରନ୍ତି । ତାପର ଦିନ ଆଜ୍ଞାମାଳ ରଥରେ ବନ୍ଧାଯାଇ ରଥ ଗୁଡିକୁ ଦକ୍ଷିଣ ମୋଡ କରାଯାଇ ଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାର ନିକଟକୁ ଅଣାଯାଏ । ନବମୀ ଦିନ ସନ୍ଧ୍ୟାରେ ଶ୍ରୀ ଜୀଉମାନଙ୍କ ଆଡପ ମଣ୍ଡପରେ ସନ୍ଧ୍ୟା ଦର୍ଶନ କରନ୍ତି । ସେ ଦିନ ସଂନ୍ଧ୍ୟା ଦର୍ଶନରେ ଅନେକ ପୁଣ୍ୟ ହୁଏ ଓ ପିତୃ ପୁରୁଷ ସନ୍ତୁଷ୍ଟ ହୁଅନ୍ତି । ଗୁଣ୍ଡିଚ୍ଚ ମନ୍ଦିରରେ ଶ୍ରୀଜୀଉମାନେ ଥିବା ବେଳେ ସେଠାରେ ମଧ୍ୟ ଶୁକ୍ଳ ଚତୁର୍ଥୀ ଠାରୁ ନବମୀ ପର୍ଯ୍ୟନ୍ତ ଅନ୍ନ ମହାପ୍ରସାଦ ଭୋଗ ପ୍ରସ୍ତୁତ ହୋଇଥାଏ । ଏଥି ପାଇଁ ଏକ ରୋଷଘର ଅଛି । ଶ୍ରୀଜୀଉମାନଙ୍କୁ ନୈବେଦ୍ୟ ଅର୍ପଣ ପରେ ଜଗମୋହନରେ ଏକ ସ୍ତମ୍ଭରେ ବିମଳାଙ୍କ ସ୍ଥିତି କଳ୍ପନା କରାଯାଇ ସେଠାରେନୈବେଦ୍ୟ ସମର୍ପିତ ହୁଏ । ବିମଳାଙ୍କ ମନ୍ଦିରକୁ ଥାଳିଏ ଅନ୍ନଭୋଗ ପଠାଯିବା ପରେ ପରିବେଷଣ ଆରମ୍ଭ ହୁଏ ।

ଆଡପ ମଣ୍ଡପ ଅବସ୍ଥାନର ଶେଷ ତିନି ଦିନ ଅର୍ଥାତ୍ ସପ୍ତମୀ, ଅଷ୍ଟମୀ ଓ ନବମୀ ଦିନ କୁ "ମହାରାସୋତ୍ସବ" ବା "ଇନ୍ଦ୍ରଦ୍ୟୁମ୍ନ ମହୋତ୍ସବ" କୁହାଯାଏ । ଏହି ତିନି ଦିନ ପ୍ରତ୍ୟହ ରାସ ହୁଏ । ଜଗନ୍ନାଥଙ୍କର କାର୍ତ୍ତିକ ମାସରେ ଶରତ୍ ରାସ, ଫାଲଗୁନ ମାସରେ ବସନ୍ତ ରାସ ଓ ଆଷାଢ଼ ମାସରେ ଶ୍ରୀଗୁଣ୍ଡିଚ୍ଚ ମନ୍ଦିରରେ ମହାରାସ ବା ପ୍ରାବୃଟରାସ ଅନୁଷ୍ଠିତ ହୁଏ ।

ଶୁକ୍ଳ ଦଶମୀ ଦିନ ବାହୁଡା ଯାତ୍ରା ହୁଏ । ଶ୍ରୀ ଜୀଉମାନଙ୍କର ଶ୍ରୀ ମନ୍ଦିରକୁ ଫେରନ୍ତି ରଥଯାତ୍ରାକୁ ବାହୁଡା ଯାତ୍ରା କୁହାଯାଏ । ଫେରନ୍ତା ବାଟରେ ମାଉସୀ ମା ଅର୍ଦ୍ଧାସିନୀଙ୍କ ମନ୍ଦିରରେ ମାଉସୀଙ୍କ ହାତରେ ପୋଡପିଠା ଖାଇବାକୁ ପ୍ରଭୁଙ୍କ ରଥ ଅଟକି ଯାଏ । ଅର୍ଦ୍ଧାସିନୀଙ୍କ ନାମ ଅର୍ଦ୍ଧଶୋଷିଣୀ । ସେ ପ୍ରଳୟ ଜଳରୁ ଅର୍ଦ୍ଧେକ ଶୋଷି ନେଇ ପ୍ରଳୟ ଦାଉରୁ ପ୍ରଭୂଙ୍କୁ ଓ ମନ୍ଦିରକୁ ରକ୍ଷା କରିଥିଲେ ।

ଶ୍ରୀ ଜଗନ୍ନାଥଙ୍କ ରଥ ଶ୍ରୀନଅର ସମ୍ମୁଖରେ ପହଞ୍ଚିବା ପରେ ଗଜପତି ମହାରାଜା ଲକ୍ଷ୍ମୀ ନାରାୟଣ ଭେଟ କରନ୍ତି । ରଥଗୁଡିକ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଶୁକ୍ଳ ଏକାଦଶୀ ଦିନ ଶ୍ରୀ ଜୀଉ ମାନଙ୍କର ରଥ ଉପରେ ସୁନାବେଶ ହୁଏ । ଦ୍ୱାଦଶୀ ଦିନ ଅଧରପଣା ନୀତି ଅନୁଷ୍ଠିତ ହୁଏ । ପ୍ରତ୍ୟେକ ରଥରେ ବଡ ବଡ ମାଟି ପାତ୍ର (ଅଧରଛୁଇଁଲାଭଳି ହାଣ୍ଡିରେ) ପଣା ଭୋଗ ନୈବେଦ୍ୟ ପରେ ସେ ମାଟି ପାତ୍ର ଭାଙ୍ଗି ଦିଆଯାଏ । ବିଶ୍ୱାସ କରାଯାଏ ଯେ ବିଭିନ୍ନ ଚାମଣ୍ଡା ଓ ଅଶରିରୀମାନେ ଏହା ପାନ କରି ତୃପ୍ତ ହୁଅନ୍ତି । ତ୍ରୟୋଦଶୀ ଦିନ ସନ୍ଧ୍ୟାଧୂପ ଓ ଅନ୍ୟାନ୍ୟ ନୀତି ପରେ ଜୀଉ ମାନଙ୍କର ନୀଳାଦ୍ରି ବିଜେ ହୁଏ । ଜୟ ବିଜୟ ଦ୍ୱାର ନିକଟରେ ଲକ୍ଷ୍ମୀଙ୍କ ତରଫରୁ ଦାସୀ ମାନେ ଭିତରେ କବାଟ ବନ୍ଦ କରି ଦିଅନ୍ତି ତା ପୂର୍ବରୁ ସୁଦର୍ଶନ ବଳଭଦ୍ର ମହାପ୍ରଭୂ ଓ ମା' ସୁଭଦ୍ରାଙ୍କୁ ମା' ଲକ୍ଷ୍ମୀ ବାଟ ଛାଡି ଦେଇଥାଆନ୍ତି । କେତେକ ପଣ୍ଡା ଜଗନ୍ନାଥଙ୍କ ତରଫରୁ ବାହାରୁ ଓ ଦାସୀମାନେ ଭିତରୁ ପଦ ବୋଲୁ ଥାଆନ୍ତି । ଏହାକୁ ଲକ୍ଷ୍ମୀ ନାରାୟଣ କଳି କୁହାଯାଏ ।

ଓଡିଆ ଘରର ଚଳଣି ଅନୁସାରେ ରଥରେ ଦେଢ଼ଶୁର ଯାଉଥିବାରୁ ଲକ୍ଷ୍ମୀ ଯାତ୍ରା କରି ପାରନ୍ତି ନାହିଁ । ସ୍ତ୍ରୀଙ୍କୁ ନ ନେଇ ଭାଇ ଭଉଣୀ ସାଙ୍ଗ ହୋଇ ଯିବାରୁ ଲକ୍ଷ୍ମୀ କ୍ରୋଧାନ୍ୱିତ ହୁଅନ୍ତି । ଲକ୍ଷ୍ମୀ କ୍ରୋଧରେ କହନ୍ତି "କୁହ କାହିଁକି , ମୁଁ ତୁମର ଜଗୁଆଳି କି ?" ତା ପରେ ପାଟଶାଢ଼ୀ ଓ ରସଗୋଲା ଖୁଆଇ ଜଗନ୍ନାଥ ମା' ଲକ୍ଷ୍ମୀଙ୍କୁ ଶାନ୍ତ କରାନ୍ତି ଓ ବନ୍ଦାପନା ନୀତି ହୁଏ । ଏହି ନୀତି ପରେ ଶ୍ରୀ ଜଗନ୍ନାଥ ରତ୍ନ ସିଂହାସନରେ ବିଜେ ହୁଅନ୍ତି । ପ୍ରଭୁଙ୍କ ବିଷୟରେ ତଥା ତାଙ୍କ ଯାତ୍ରା ବିଷୟରେ କାଗଜ କଲମରେ ବର୍ଣ୍ଣନା କରାଯାଇ ପାରିବ ନାହିଁ । ପ୍ରତ୍ୟେକ୍ଷ ଦର୍ଶନ ଓ ଭାବହିଁ ଆତ୍ମତୃପ୍ତି ଦେଇଥାଏ ।

"ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ " । ଶ୍ରୀମନ୍ଦିରର ସମସ୍ତ ଐଶ୍ୱର୍ଯ୍ୟପୂର୍ଣ୍ଣ ସେବାରେ ନ ରହି ପାରି ରତ୍ନସିଂହାସନ ଛାଡି, ବାଇଶ ପାହାଚ ଅତିକ୍ରମ କରି ଚତୁର୍ଦ୍ଧା ମୂର୍ତ୍ତିବଡଦାଣ୍ଡକୁ ଚାଲି ଆସନ୍ତି । ଧୂଳି ଧୂସରିତ ପରିବେଶରେ ରହି ଖରାବର୍ଷା ସହି ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଉଚ୍ଚନୀଚ ସମସ୍ତ ଭେଦ ବିଚାର ନ କରି ଜନତାଙ୍କ ସହିତ ଏକାକାର ହୋଇଯାଆନ୍ତି । ସୃଷ୍ଟିର ସବୁ ମଣିଷ ସମାନ । ସମସ୍ତେ କେବଳ ପରମପିତା ପରମାତ୍ମାଙ୍କର ସନ୍ତାନ । ଭକ୍ତ ଓ ଭଗବାନଙ୍କର ମହାମିଳନ ସାରା ବିଶ୍ୱକୁ ସାମ୍ୟ ଓ ମୈତ୍ରୀର ବାଣୀ

(ସପ୍ତମ ପୃଷ୍ଠା ଦେଖନ୍ତୁ)

## ଶୀଘ୍ର ପୌର ନିର୍ବାଚନ କରିବାକୁ ଆପ୍‌ର ଦାବୀ




ବରଗଡ, (ନିପ୍ର) : ଗତ ପୌର ପରିଷଦର କାର୍ଯ୍ୟକାଳ ଶେଷ ହେବା ପ୍ରାୟ ଦୁଇ ବର୍ଷ ଚାରି ମାସରୁ ଅଧିକ ହୋଇଥିଲେ ସୁଦ୍ଧା ତାଜା ନୂଆ ନିର୍ବାଚନ କେବେ ହେବ ସ୍ପଷ୍ଟ ଜଣାପଡୁନାହିଁ । ବରଗଡ ସହରରେ କାଉନସିଲ ନଥିବା କାରଣରୁ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ହୋଇପାରୁ ନଥିବା ଅଭିଯୋଗ କରିଛି ଆମ୍ ଆଦମୀ ପାର୍ଟି । ସହରର ପରିମଳ ବ୍ୟବସ୍ଥା ଅଣ ଦେଖା ହେଉଥିବା ବେଳେ ଡ୍ରେନ, ରାସ୍ତା ଗୁଡିକ ଠିକରେ ସଫେଇ ହେଉ ନଥିବା ଅଭିଯୋଗ କରିଛନ୍ତି ଜିଲ୍ଲା ଆବାହକ ଭବାନୀ ସାହୁ । ବରଗଡ ସହରରେ ନିମ୍ନମାନର ରାସ୍ତା ନିର୍ମାଣ ଯୋଗୁଁ ଏବେ ଧୂଳିର ଗଡ଼ ପାଲଟୁ ଥିବା ଗଣମାଧ୍ୟମରେ ଖବର ଆସୁଛି । ଅନେକ ୱାର୍ଡରେ ଡ୍ରେନ ନଥିବାରୁ ସାଧାରଣ ଲୋକଙ୍କ ଘରର ପାଣି ନିଷ୍କାସନ ହୋଇପାରୁ ନଥିବା ଆପ୍ ଅଭିଯୋଗ କରିଛି । ତେଣୁ ତୁରନ୍ତ ପୌର ନିର୍ବାଚନ କରାଗଲେ ଏହି ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଶ୍ରୀ ସାହୁ ଦାବୀ କରିଛନ୍ତି । ଆସନ୍ତା ପୌର ନିର୍ବାଚନରେ ଆମ୍ ଆଦମୀ ପାର୍ଟି ବରଗଡରେ ଏକ ସ୍ୱଚ୍ଛ ବିକଳ୍ପ ଜନତାଙ୍କ ପାଖରେ ରଖିବା ସହ ଭଲ ଲୋକଙ୍କୁ ପ୍ରାର୍ଥୀ କରିବ ବୋଲି ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର କହିଛନ୍ତି । ନିକଟରେ ଶେଷ ହୋଇଥିବା ଗୁଜୁରାଟ ନଗର ନିଗମ ନିର୍ବାଚନରେ ସୁରଟରେ ଆପ୍ ଉଭୟ ବିଜେପି ଓ କଂଗ୍ରେସକୁ ୨୭ଟି ୱାର୍ଡରେ ପରାସ୍ତ କରିଛି ।

## ସମାଜିକ ସୁରକ୍ଷା ବିଭାଗର ବଂଟନ ଶିବିର : ଭିନ୍ନକ୍ଷମଙ୍କୁ ଉପକରଣ ଓ ଭତ୍ତା ବଣ୍ଟନ କଲେ ନରସିଂହ



ବଲାଙ୍ଗିର, (ନିପ୍ର) : ଦେଶର ସମ୍ବିଧାନ ଦେଶବାସୀଙ୍କୁ ସମ୍ମାନର ସହ ଜୀବନ ଜିଇଁବାର ଅଧିକାର ଦେଇଛି । ଏହା ସାଧାରଣ ଲୋକଙ୍କର ମୌଳିକ ଅଧିକାର ଅଟେ । ତାହା କାର୍ଯ୍ୟକାରୀ କରିବା ସରକାରମାନଙ୍କର କର୍ତ୍ତବ୍ୟ । ଏମିତି କେହିବି ସାଧାରଣ ଲୋକ ହେଉ ବା ଭିନ୍ନକ୍ଷମ ହୁଅନ୍ତୁ, ଯେମିତ ଏହି ଅଧିକାରରୁ ବଂଚିତ ନହେବେ ତାହ ଜଗିବାର କାମ ସରକାର ଏବଂ ସରକାରୀ ଅଧିକାରୀମାନଙ୍କର । ତେଣୁ ଆଜି ଭିନ୍ନକ୍ଷମ ତଥା ବିପିଏଲ ଶ୍ରେଣୀର ବରିଷ୍ଠ ନାଗରିକ ଓ କିନ୍ନର ମାନଙ୍କୁ ଭତ୍ତା ତଥା ଉପକରଣ ପ୍ରଦାନ କରି ସରକାର ଦୟା କରୁନାହାନ୍ତି ବରଂ ସମ୍ବିଧାନ ଅନୁସାରେ ଏହା ହିତାଧିକାରୀ ମାନଙ୍କ ମୌଳିକ ଅଧିକାର ଅଟେ ବୋଲି ଭାରତ ସରକାରଙ୍କ ଏଡପିଆଇ ଓ ଆରଭିୱାଇ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଉପକରଣ, ବିକଳାଙ୍ଗ ଉପକରଣ ଓ ଭତ୍ତା ପ୍ରଦାନ ମେଳାରେ ବଲାଙ୍ଗିର ବିଧାୟକ ମୁଖ୍ୟ ଅତିଥି ରୁପେ ଯୋଗ ଦେଇ ନିଜ ବକ୍ତବ୍ୟରେ କହିଛନ୍ତି । ସ୍ଥାନୀୟ କଳାମଣ୍ଡଳ ପଡିଆରେ ଆୟୋଜିତ ଏହି ଭତ୍ତା ପ୍ରଦାନ ଉତ୍ସବରେ ଶ୍ରୀ ମିଶ୍ର ଏହା ମଧ୍ୟ କହିଥିଲେ ଯେ, ଭିନ୍ନକ୍ଷମ, ବରିଷ୍ଠ ନାଗରିକ ଓ ଗରିବଙ୍କ ସେବା ହେଉଛି



ଭଗବାନଙ୍କ ସେବା । ଯେହେତୁ ଏମାନେ ବୟଷାଧିକ କାରଣରୁ ହେଉ ବା ଭିନ୍ନକ୍ଷମତା ଯୋଗୁଁ ହେଉ ନିଜର ଅଧିକାର ସାବ୍ୟସ୍ତ ତଥ ସରକାରୀ ସୁବିଧା ପାଇବା ପାଇଁ ସରକାରୀ କାର୍ଯ୍ୟଳୟକୁ ବାରମ୍ବାର ଯିବା ଅସମ୍ଭବ ହୋଇ ପଡିଥାଏ, ତେଣୁ ଏସଂକ୍ରନ୍ତୀୟ ବିଭାଗୀୟ ଅଧୀକାରୀ ମାନେ ତାଙ୍କ ପାଖକୁ ପହଂଚି ସରକାରୀ ସହାୟତା ଯୋଗାଇ ଦେଇ ପାରିଲେ ଏହି କାର୍ଯ୍ୟକ୍ରମ ସଫଳତା ମିଳିବ । ବିଭାଗୀୟ ଜିଲ୍ଲା ଅଧୀକାରୀ ଠିକ ରୂପେ କାର୍ଯ୍ୟ କରୁଛନ୍ତି ବୋଲି ସେ ଜିଲ୍ଲା ସାମାଜିକ ଅଧିକାରୀଙ୍କୁ ପ୍ରଶଂସା କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ ନବକୃଷ୍ଣ ସାହୁଙ୍କ ସଂଯୋଜନାରେ ଅୟୋଜିତ ଏହି କାଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ବିପିନ ଦୀପ, ବଲାଙ୍ଗିର ବିଡିଓ ରାମଦତ୍ତ ଭୋଇଙ୍କ ସହିତ ଆର୍‌ସିଟି ମେନେଜର, ଡିଆଇସି ଜେନେରାଲ ମେନେଜର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ମେଳାରେ ବଲାଙ୍ଗିର ପୌରାଂଚଳ ଓ ବଲାଙ୍ଗିର ବ୍ଲକର ୨୦୨ ଜଣ ହିତାଧିକାରୀଙ୍କୁ ପ୍ରାୟ ୨ ଲକ୍ଷ ଟଙ୍କାର ଉପକରଣ ଯୋଗାଇ ଦିଆଯାଇଥିଲା । ଯେଉଁଥିରେ ଟ୍ରାଇସାଇକିଲ, ହୁଇଲ୍‌ଚେଆର୍, ଆଶାବାଡି, ହିଅରିଂ ଏଡ୍, ସ୍ମାର୍ଟ କେନ, ଏମଏସଆଇଡି କିଟ ଓ ମୋବାଇଲ ଫୋନ ରହିଥିଲା । ଏହା ସହ ୬ ଜଣ କିନ୍ନରଙ୍କୁ ୫୦୦ ଟଙ୍କା ଭତତ୍ତା ପ୍ରଦାନ କରିବା ସହ ୫୦ ଜଣଙ୍କୁ ବୈଷୟିକ ତାଲିମ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିବା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଥିଲେ । ଏହି ମେଳାରେ ବିଧାୟକ ଶ୍ରୀ ମିଶ୍ର ପ୍ରତ୍ୟେକ ହିତାଧିକାରୀଙ୍କୁ ନିଜ ହାତରେ ସହାୟତା ରାଶି ଓ ଉପକରଣ ପ୍ରଦାନ କରିବା ସହ ସେମାନଙ୍କ ସୁବିଧା ଅସୁବିଧା ବୁଝିବା ଦେଖା ଯାଇଥିଲା ।

## ଜିଲ୍ଲା ସ୍ତରୀୟ ଜୁନିଅର ରେଡକ୍ରସ ପରାମର୍ଶଦାତା ତାଲିମ ଶିବିର ଉଦ୍‌ଘାଟିତ

### ଶିକ୍ଷାର ପୂର୍ଣ୍ଣତା ହିଁ ଜୀବନରେ ଶ୍ରେଷ୍ଠତା ଆଣେ






ବଲାଙ୍ଗିର, (ନିପ୍ର) : ଭାରତୀୟ ରେଡକ୍ରସ ସୋସାଇଟି ଜୁନିଅର ରେଡକ୍ରସ, ଓଡିଶା ରାଜ୍ୟ ଶାଖା, ଭୁବନେଶ୍ୱରର ସହଯୋଗରେ ତଥା ଜିଲ୍ଲା ଜୁନିଅର ରେଡକ୍ରସ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ମଣ୍ଟେଶ୍ୱରୀ ପବ୍ଲିକ ସ୍କୁଲ ଠାରେ ଜିଲ୍ଲା ସ୍ତରୀୟ ଜୁନିଅର ରେଡକ୍ରସ ପରାମର୍ଶଦାତାଙ୍କ ୫ ଦିନିଆ ତାଲିମ ଶିବିର ଉଦଘାଟିତ ହୋଇଯାଇଛି । ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଧୃବ ଚରଣ ବେହେରା ଯୋଗ ଦେଇ ଶିକ୍ଷାର ପୂର୍ଣ୍ଣତା ହିଁ ଜୀବନରେ ଶ୍ରେଷ୍ଠତା ଆଣେ ବୋଲି କହିବା ସହ ପରର ସେବା କରିବା ହିଁ ହେଉଛି ଈଶ୍ୱର ଲାଭର ପ୍ରକୃତ ପନ୍ଥା ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସନାତନ ଠାକୁର ନିଜ ବକ୍ତବ୍ୟରେ ଉତ୍ତମ ସ୍ୱାସ୍ଥ୍ୟ ବିନା କେହି କୌଣସି ଉନ୍ନତି କରି ପାରନ୍ତି ନାହିଁ ବୋଲି ମତ ବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ବିଇଓ ବଲାଙ୍ଗିର ବ୍ଲକ ରାଘବ ପାଣିଗ୍ରାହୀ, ଜୁନିଅର ରେଡକ୍ରସ ସଙ୍ଗଠକ ସୁବାସ ଚ଼ନ୍ଦ୍ର ପଟେଲ, ଜିଲ୍ଲା ଜୁନିଅର ରେଡକ୍ରସ ସଂପାଦକ ଜ୍ୟୋତି ପ୍ରସାଦ ପରିଡା, ମଣ୍ଟେଶ୍ୱରୀ ସ୍କୁଲର ଅଧକ୍ଷ ରବିଚ଼ନ୍ଦ୍ର ଉଦ୍‌ଗାତା, ଏକାଡେମିକ୍ ମୁଖ୍ୟ ଶିବାନନ୍ଦ ଦାଶ, ପ୍ରାଇଭେଟ ସ୍କୁଲ ଏସୋସିଏସନ ଯୁଗ୍ମ ସଂପାଦକ ବିଜୟ ମିଶ୍ର ଯୋଗ ଦେଇ ସ୍ୱାସ୍ଥ୍ୟ, ସେବା ଏବଂ ବିଶ୍ୱବନ୍ଧୁତାର ମନ୍ତ୍ରରେ ମନ୍ତ୍ରିତ ହେବାକୁ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜନା ବିକାଶ ରଞ୍ଜନ ସାହୁ କରିଥିବା ବେଳେ ଜିଲ୍ଲା ଜୁନିଅର ରେଡକ୍ରସ ସଂଗଠକ ସୁବାଷ ଚନ୍ଦ୍ର ପଟେଲ ବିବରଣୀ ପଠନ ଓ ଧନ୍ୟବାଦ ଦେଇଥିଲେ ସଂପାଦକ ଜୁନିଅର ରେଡକ୍ରସ ଜ୍ୟୋତି ପ୍ରସାଦ ପରିଡା । ଏହି ଶିବିରରେ ସାଧନକର୍ମୀ ସୁବାସ ଚନ୍ଦ୍ର ପଟେଲ, ବିକାଶ ରଂଜନ ସାହୁ, ଦେବାନନ୍ଦ ଦାଶ, ରବିନ୍ଦ୍ର ଠେଟୁଆଲ ତାଲିମ ପ୍ରଦାନ କରୁଛନ୍ତି । ପରାମର୍ଶଦାତା ଘନଶ୍ୟାମ ମେହେର, ରଞ୍ଜିତ ମିଶ୍ର, ରାମ ନାରାୟଣ ଦାଶ ସହଯୋଗ କରିଥିଲେ । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ୩୦ ଜଣ ପରାମର୍ଶଦାତା, ୪ ଜଣ ଅଫିସିଆଲ ଓ ୫ ଜଣ ସାଧନକର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଛନ୍ତି ।

## କଳାମଣ୍ଡଳ ପଡିଆରେ ଆଂଚଳିକ କଳିଙ୍ଗ ହର୍ବାଲ ମେଳା ଉଦଘାଟିତ



ବଲାଙ୍ଗିର, (ନିପ୍ର) : ସ୍ଥାନୀୟ କଳାମଣ୍ଡଳ ପଡିଆ ଠାରେ ଆଂଚଳିକ କଳିଙ୍ଗ ହର୍ବାଲ ମେଳା ଉଦଘାଟିତ ହୋଇଯାଇଛି । ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ୫ ଦିନ କାଳ ହେବାକୁ ଥିବା ଏହି ମେଳାରେ ବଲାଙ୍ଗିର ଓ ଆଖପାଖ ଅଂଚଳର ବିଭିନ୍ନ ବୈଦ୍ୟ ଯୋଗଦାନ କରି ବିଭୀନ୍ନ ରୋଗର ଉପସମ ପାଇଁ ଆୟୁର୍ବେଦିକ ତଥା ପାରମ୍ପାରିକ ଔଷଧ ବିକ୍ରୟ ତଥା ଏହାର ଉପେଯାଗ ବିଧି ସମ୍ପର୍କରେ ଦର୍ଶକଙ୍କୁ ଜ୍ଞାନପ୍ରଦାନ କରିବେ । ରାଜ୍ୟ ଫରେଷ୍ଟ ଓ ଏନଭାରମେନ୍ଟ ବିଭାଗ ଓ ବଲାଙ୍ଗିର ବନଖଣ୍ଡ ଅନୁକୁଲ୍ୟରେ ଆୟୋଜିତ ଏହି ମେଳାକୁ ବଲାଙ୍ଗିର ବନଖଣ୍ଡ ଅଧିକାରୀ ସମୀର ଶତପଥି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉଦଘାଟନ କରିଥିଲେ । ବାଲାଙ୍ଗିର ଆୟୁର୍ବେଦିକ କଲେଜର ଉପାଧକ୍ଷ୍ୟ ଡା. ପଣ୍ଡା, ଏସିଏଫ ଅଜିତ ବିଶି, ଗନ୍ଧମାର୍ଦ୍ଦନ ସମିତିର ସଭାପତି ବିଭୂତି ଭୂଷଣ ସାହୁ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ । ପରେ ପରେ ବିଭିନ୍ନ ଅନୁଷ୍ଠାନ ତରଫରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଥିଲା । ପ୍ରଥମ ଦିନରେ ୩୦ ରୁ ଅଧିକ ଷ୍ଟଲ ଖୋଲାଯାଇଥିବା ବେଳେ ବନଖଣ୍ଡ କର୍ମଚାରୀମାନଙ୍କ ସହିତ ଶତାଧିକ ଲୋକଙ୍କ ଜନ ସମାଗମ ଦେଖିବାକୁ ମିଳିଥିଲା ।

ଦୀର୍ଘ ନଅ ବର୍ଷ ପରେ ଆମ ସହର ବଲାଙ୍ଗିରରେ ଏହି ମେଳା ପୁଣୀ ଆରମ୍ଭ ହୋଇଛ, ଯେଉଁଥିରେ ଅନେକ ଗୁଣୀ ବଇଦ ଭାଗ ନେଇଛନ୍ତି । ସେମାନଙ୍କ ଜ୍ଞାନ କୌଶଳ ଜନସାଧାରଣଙ୍କ ପାଇଁ ନିଶ୍ଚୟ ଲାଭପ୍ରଦ ହେବା ସହିତ ଅଂଚଳରେ ପାମ୍ପାରିକ ଔଷଧ ଏହାର ଉପକାରିତା ଲୋକେ ବେସ ଅନୁଭବ କରିପାରିବେ । ଆହୁରି ବଇଦମାନେ ତାଙ୍କର ଜ୍ଞାନ କୌଶଳ ଲୋକଙ୍କୁ ଦେବା ସହିତ ଲୋକେ ମଧ୍ୟ ବିଭିନ୍ନ ରୋଗରେ ପାରମ୍ପାରିକ ଔଷଧର ଭୂମିକା ବୁଝି ଉପକୃତ ହେବେ ବୋଲି ମୁଖ୍ୟ ଅତିଥି ଶ୍ରୀ ଶତପଥି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।



## ଶିକ୍ଷା କ୍ଷେତ୍ରରେ ବଜେଟ ବ୍ୟୟବରାଦ .... (୭ୟ ପୃଷ୍ଠାରୁ)

ଏଥିରେ ହେଉଥିବା ଉଦ୍ଭାବନ ଓ ନବୋନ୍ମେଷଗୁଡିକୁ ଶିଳ୍ପ ଜଗତଗୁଡିକ ଦ୍ରୁତ ଗତିରେ ଉପଯୋଗ କରିପାରିବେ । ସେହିପରି ଦେଶର ୧୦୦ରୁ ଅଧିକ ଆକାଂକ୍ଷୀ ଜିଲ୍ଲାରେ ବାୟୋଟେକ କିଷାନ ପ୍ରୋଗ୍ରାମ, ହିମାଳୟନ ବାୟୋ ରିସୋର୍ସ ମିଶନ ପ୍ରୋଗ୍ରାମ କିମ୍ବା କନସର୍ଟିଅମ ପ୍ରୋଗ୍ରାମ ଅନ ମେରିଟାଇମ ବାୟୋଟେକ୍ନୋଲୋଜି ନେଟୱର୍କ, ଆଦି ଆରମ୍ଭ କରାଯାଇଛି । ଏଥିରେ ଗବେଷଣା ଓ ଉଦ୍ୟୋଗ ଜଗତର ଭାଗିଦାରୀ କିଭଳି ଉନ୍ନତ ହୋଇପାରିବ, ସେଥିପାଇଁ ଆମକୁ ମିଳିମିଶି କାମ କରିବାକୁ ହେବ ।

ସାଥୀଗଣ,

ଭବିଷ୍ୟତର ଇନ୍ଧନ, ସବୁଜ ଇନ୍ଧନ ଆଦି ନିମନ୍ତେ ଇନ୍ଧନ କ୍ଷେତ୍ରରେ ଆମର ଆତ୍ମନିର୍ଭରଶୀଳତା ଅତ୍ୟନ୍ତ ଜରୁରି ଅଟେ । ସେଥିପାଇଁ ବଜେଟରେ ଘୋଷିତ ହାଇଡ୍ରୋଜେନ ମିଶନ ଏକ ବହୁତ ବଡ ସଂକଳ୍ପ । ଭାରତ ହାଇଡ୍ରୋଜେନ ବାହନ ପରୀକ୍ଷଣ କରିସାରିଛି । ଏବେ ହାଇଡ୍ରୋଜେନକୁ ପରିବହନ ଇନ୍ଧନ ଭାବେ ବ୍ୟବହାର କରିବା ଏବଂ ଏଥିପାଇଁ ଆମେ ଶିଳ୍ପ ପ୍ରସ୍ତୁତ ହେବା ଲାଗି ଏବେ ଆମକୁ ମିଶି ଆଗକୁ ବଢ଼ିବାକୁ ହେବ । ସେଥିପାଇଁ ସମୁଦ୍ର ସମ୍ପତ୍ତି ସହ ଜଡିତ ଗବେଷଣାରେ ମଧ୍ୟ ଆମକୁ ଆମର ସାମର୍ଥ୍ୟ ବଂଚାଇବାର ଆବଶ୍ୟକତା ରହିଛି । ସରକାର ଡିପ୍ ସି ମିଶନ (ଗଭୀର ସମୁଦ୍ର ଅଭିଯାନ) ଆରମ୍ଭ କରିବାକୁ ଯାଉଛନ୍ତି । ଏହି ମିଶନ, ଲକ୍ଷ୍ୟ ଆଧାରିତ ହେବ ଏବଂ ବହୁକ୍ଷେତ୍ରୀୟ ଆଭିମୁଖ୍ୟ ନେଇ ଆଗକୁ ବଂଚିବ । ଯାହାଫଳରେ ନୀଳ ଅର୍ଥବ୍ୟବସ୍ଥାର ସାମର୍ଥ୍ୟକୁ ଆମେ ସମ୍ପୂର୍ଣ୍ଣ ଭାବେ ଉପଯୋଗ କରିପାରିବା ।

ସାଥୀଗଣ,

ଶିକ୍ଷାନୁଷ୍ଠାନ, ଗବେଷଣା ସହ ଜଡିତ ସଂସ୍ଥାନ ଏବଂ ଶିଳ୍ପ ଜଗତର ସହଯୋଗକୁ ଆମେ ଅଧିକ ମଜଭୁତ କରୁଛୁ । ଆମେ ନୂଆ ଗବେଷଣା ପତ୍ର ପ୍ରକାଶ କରିବା ଉପରେ ଧ୍ୟାନ ଦେବା ସହିତ ସାରା ବିଶ୍ୱରେ ଯେଉଁସବୁ ଗବେଷଣାପତ୍ର ପ୍ରକାଶିତ ହେଉଛି, ସେ ପର୍ଯ୍ୟନ୍ତ ଭାରତର ଗବେଷକ ଏବଂ ଛାତ୍ରଛାତ୍ରୀଙ୍କୁ ପହଂଚାଇବା ସୁବିଧାଜନକ କରିବା ଲାଗି ପଦକ୍ଷେପ ଗ୍ରହଣ କରିବୁ କାରଣ ଏହା ବର୍ତ୍ତମାନ ସମୟର ଚାହିଦା । ସରକାର ନିଜ ସ୍ତରରେ ଏହାକୁ ନେଇ କାମ କରୁଛନ୍ତି, କିନ୍ତୁ ଶିଳ୍ପଜଗତକୁ ମଧ୍ୟ ଏଥିରେ ନିଜ ଆଡକୁ ଯୋଗଦାନ କରିବାକୁ ହେବ ।

ଆମକୁ ମନେ ରଖିବାକୁ ହେବ ଆକ୍ସେସ (ପହଂଚ) ଏବଂ ଇନକ୍ଲୁଜନ (ସମାବେଶନ) ଅନିର୍ବାର୍ଯ୍ୟ ହୋଇଯାଇଛି । ଆହୁରି ଆଫୋର୍ଡେବ୍ଲିଟି (ସୁଲଭତା) ପାଇଁ ଆକ୍ସେସ ହେଉଛି ସବୁଠୁ ବଡ ପୂର୍ବ ଆବଶ୍ୟକତା । ଆହୁରି ଗୋଟିଏ ପ୍ରମୁଖ ଦିଗ ଯାହା ଉପରେ ଆମକୁ ଧ୍ୟାନ ଦେବାକୁ ହେବ ତାହା ହେଲା ଗ୍ଲୋବାଲକୁ ଲୋକାଲ ସହିତ ଯୋଡିବା । ଆଜି ସାରା ବିଶ୍ୱରେ ଭାରତୀୟ ପ୍ରତିଭାର ଖୁବ ଅଧିକ ଚାହିଦା ରହିଛି । ସେଥିପାଇଁ ଜରୁରି ହେଉଛି ଗ୍ଲୋବାଲ ଡିମାଣ୍ଡ (ବୈଶ୍ୱିକ ଚାହିଦା)କୁ ଦେଖି ଦକ୍ଷତା ସେଟ୍‌କୁ ମ୍ୟାପିଂ କରିବା ଏବଂ ଏହାର ଆଧାର ଉପରେ ଦେଶର ଯୁବକମାନଙ୍କୁ ପ୍ରସ୍ତୁତ କରିବା ।

ଅନ୍ତର୍ଜାତୀୟ କ୍ୟାମ୍ପସଗୁଡିକୁ ଭାରତରେ ଆଣିବା ବିଷୟରେ ଆଲୋଚନା ହେଉ କିମ୍ବା ପୁଣି ଅନ୍ୟ ଦେଶର ଶ୍ରେଷ୍ଠ ପ୍ରଚଳନଗୁଡିକ ସହ ସହଭାଗିତାକୁ ଗ୍ରହଣ କରିବା, ଏଥିପାଇଁ ଆମକୁ କାନ୍ଧରେ କାନ୍ଧ ମିଶାଇ ଚାଲିବାକୁ ହେବ । ଦେଶର ଯୁବକମାନଙ୍କୁ ଉଦ୍ୟୋଗ ପାଇଁ ପ୍ରସ୍ତୁତ କରିବା ସହିତ ନୂତନ ଆହ୍ୱାନ, ବଦଳୁଥିବା ପ୍ରଯୁକ୍ତି ସହିତ ଦକ୍ଷତା ଉନ୍ନତିକରଣର ପ୍ରଭାବୀ ବ୍ୟବସ୍ଥା ସମ୍ପର୍କରେ ଏକ ସଂଗଠିତ ପ୍ରୟାସ କରିବାର ଆବଶ୍ୟକତା ରହିଛି । ଏହି ବଜେଟରେ ଇଜ ଅଫ ଡୁଇଂ ଆପ୍ରେଂଟିସିପ ପ୍ରୋଗ୍ରାମ ଫଳରେ ମଧ୍ୟ ଇଣ୍ଡଷ୍ଟ୍ରୀ ଓ ଦେଶର ଯୁବକମାନଙ୍କୁ ଅନେକ ଲାଭ ମିଳିବାକୁ ଯାଉଛି । ମୋର ବିଶ୍ୱାସ ରହିଛି ଯେ ଏଥିରେ ମଧ୍ୟ ଶିଳ୍ପ ଜଗତର ଭାଗିଦାରୀରେ ବିସ୍ତାର ହେବ ।

ବନ୍ଧୁଗଣ,

ଦକ୍ଷତା ବିକାଶ ହେଉ କିମ୍ବା ପୁଣି ଗବେଷଣା ଓ ନବୋନ୍ମେଷ, ତାହା ବୁଝିବା ଶକ୍ତି ବିନା ସମ୍ଭବ ନୁହେଁ । ସେଥିପାଇଁ ନୂଆ ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଦେଶର ଶିକ୍ଷା ବ୍ୟବସ୍ଥାରେ ଏହି ସବୁଠୁ ବଡ ସୁଧାର ଅଣାଯାଉଛି । ଏହି ୱେବିନାରରେ ବସିଥିବା ସମସ୍ତ ବିଶେଷଜ୍ଞ, ଶିକ୍ଷାବିତଙ୍କ ଠାରୁ ଆଉ ଭଲ ଭାବେ କିଏ ଜାଣିପାରିବ ଯେ ବୁଝିବା ଶକ୍ତି ଭାଷାର ଏକ ବହୁତ ବଡ ଯୋଗଦାନ ରହିଛି । ନୂଆ ଜାତୀୟ ଶିକ୍ଷା ନୀତିରେ ସ୍ଥାନୀୟ ଭାଷାର ଅଧିକରୁ ଅଧିକ ଉପଯୋଗକୁ ପ୍ରୋତ୍ସାହନ ଦିଆଯାଇଛି ।

ସମସ୍ତ ଶିକ୍ଷାବିତ, ପ୍ରତ୍ୟେକ ଭାଷାର ବିଶେଷଜ୍ଞମାନଙ୍କର ଦାୟିତ୍ୱ ହେଉଛି ଦେଶ ଓ ଦୁନିଆର ଶ୍ରେଷ୍ଠ ବିଷୟବସ୍ତୁଗୁଡିକୁ ଭାରତୀୟ ଭାଷାରେ କିଭଳି ଭାବେ ପ୍ରସ୍ତୁତ କରାଯିବ । ଟେକ୍ନୋଲୋଜିର ଏହି ଯୁଗରେ ଏହା ସମ୍ପୂର୍ଣ୍ଣ ଭାବେ ସମ୍ଭବ ଅଟେ । ପ୍ରାଥମିକ ଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ଭାରତୀୟ ଭାଷାରେ ଏକ ଚମତ୍କାର ବିଷୟବସ୍ତୁ ଦେଶର ଯୁବକମାନଙ୍କୁ କିପରି ଭାବେ ମିଳିପାରିବ ତାହା ଆମକୁ ସୁନିଶ୍ଚିତ କରିବାକୁ ହେବ । ଡାକ୍ତରୀ ଶିକ୍ଷା, ଇଞ୍ଜିନିୟରିଂ, ପ୍ରଯୁକ୍ତି, ମ୍ୟାନେଜମେଂଟ, ଏପରି ସମସ୍ତ ବିଶେଷଜ୍ଞତା ପାଇଁ ଭାରତୀୟ ଭାଷାରେ ବିଷୟବସ୍ତୁ ପ୍ରସ୍ତୁତ କରିବା ଜରୁରି ଅଟେ ।

ମୁଁ ଆପଣମାନଙ୍କୁ ନିଶ୍ଚିତ ଭାବେ ଅନୁରୋଧ କରିବି ଯେ ଆମ ଦେଶରେ ପ୍ରତିଭାମାନଙ୍କର ଅଭାବ ନାହିଁ । ଗାଁ, ଗରିବ, ଯେଉଁମାନଙ୍କୁ ନିଜ ଭାଷା ବ୍ୟତୀତ ଅନ୍ୟ କିଛି ଜଣାନାହିଁ ସେମାନଙ୍କର ପ୍ରତିଭା ମଧ୍ୟ କମ ନୁହେଁ । ଭାଷା କାରଣରୁ ଆମ ଗାଁ ଓ ଗରିବଙ୍କ ପ୍ରତିଭାର ମୃତ୍ୟୁ ଘଟିବା ଉଚିତ ନୁହେଁ । ଭାରତୀୟ ପ୍ରତିଭା ଆମ ଗାଁରେ, ଗରିବଙ୍କ ଘରେ ରହିଛି । କେହି ଜଣେ ଭାରତୀୟ ପ୍ରତିଭା ବଡ ଭାଷା ଠାରୁ ବଂଚିତ ରହିବା ଅନୁଚିତ । ଆମ ଦେଶର ପିଲାମାନଙ୍କ ଠାରେ ପ୍ରଚୁର ପ୍ରତିଭା ପୂରିରହିଛି ଏବଂ ତେଣୁ ସେହି ପ୍ରତିଭାଗୁଡିକୁ ଉପଯୋଗ କରିବା ଲାଗି ଏତେ ବଡ ଦେଶକୁ ଯୋଡିବାର ଆବଶ୍ୟକତା ରହିଛି । ସେଥିପାଇଁ ଭାଷାର ବାଧକ ଠାରୁ ବାହାରି ସେମାନଙ୍କର ଭାଷାରେ ହିଁ ଆମକୁ ସେମାନଙ୍କ ପ୍ରତିଭାର ପରିପୋଷଣ କରିବାର ସୁଯୋଗ ଦେବାକୁ ହେବ । ଏହା ମିଶନ ମୋଡରେ କରିବାର ଆବଶ୍ୟକତା ରହିଛି । ବଜେଟରେ ଘୋଷିତ ଜାତୀୟ ଭାଷା ଅନୁବାଦ ମିଶନ ମାଧ୍ୟମରେ ଏଥିପାଇଁ ବହୁତ ବଡ ପ୍ରୋତ୍ସାହନ ମିଳିବ ।

ସାଥୀଗଣ,

ଏ ସମସ୍ତ ବ୍ୟବସ୍ଥା, ସଂସ୍କାର, ଏସବୁ ସମସ୍ତଙ୍କ ଭାଗିଦାରୀ ମାଧ୍ୟମରେ ସମ୍ପୂର୍ଣ୍ଣ ହେବ । ସରକାର, ଶିକ୍ଷାବିତ, ବିଶେଷଜ୍ଞ, ଶିଳ୍ପଜଗତ, ସମସ୍ତେ ମିଶି ସହଭାଗିତା ଆଭିମୁଖ୍ୟ ନେଇ ଉଚ୍ଚ ଶିକ୍ଷା କ୍ଷେତ୍ରକୁ କିପରି ଆଗକୁ ବଢ଼ାଇବେ ସେ ସମ୍ପର୍କରେ ଆଜିର ଆଲୋଚନାରେ ଆପଣମାନଙ୍କର ପରାମର୍ଶ ଅତ୍ୟନ୍ତ ମୂଲ୍ୟବାନ ସାବ୍ୟସ୍ତ ହେବ । ବିଶେଷ କାମରେ ଆସିବ ।

ମୁଁ ଜାଣିବାକୁ ପାଇଛି ଯେ ଆସନ୍ତା କିଛି ଘଂଟା ମଧ୍ୟରେ ଏହା ସହିତ ଜଡିତ ଛଅଟି ବିଷୟବସ୍ତୁ ଉପରେ ବିସ୍ତୃତ ଭାବେ ଆଲୋଚନା ହେବ । ଏଥିରୁ ବାହାରୁଥିବା ପରାମର୍ଶ ଏବଂ ସମାଧାନ ଉପରେ ଦେଶ ଅନେକ ଆଶାବାଦୀ ରହିଛି । ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି ଯେ ଏବେ ନୀତିରେ, ବଜେଟରେ ପରିବର୍ତ୍ତନ ଆଣିବାର ସମୟ ସରିଯାଇଛି । ଏବେ ଆସନ୍ତା ଏପ୍ରିଲ ୧ ତାରିଖ ଠାରୁ ନୂଆ ବଜେଟ ଲାଗୁ ହେବ । ଆଗାମୀ ୩୬୫ ଦିନ ନୂଆ ବଜେଟ, ନୂଆ ସ୍କିମ କିଭଳି ଭାବେ ଦ୍ରୁତ ଗତିରେ କାର୍ଯ୍ୟକାରୀ ହେବ, ସେ ସମ୍ପର୍କରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ହିନ୍ଦୁସ୍ତାନର ଅଧିକ ଭୂ-ଭାଗ, ଅନ୍ତିମ ବ୍ୟକ୍ତିଙ୍କ ନିକଟରେ ଏହା କିପରି ଭାବେ ପହଂଚି ପାରିବ ସେ ସମ୍ପର୍କରେ କାର୍ଯ୍ୟଖସଡା ପ୍ରସ୍ତୁତ କରିବା, ନିଷ୍ପତ୍ତି ନେବାର ବେଳ ଆସିଛି । ଯେଉଁସବୁ ଛୋଟ-ମୋଟ ବାଧା ରହିଛି ସେଗୁଡିକୁ କିପରି ଦୂର କରାଯାଇ ବଜେଟ କାର୍ଯ୍ୟକାରୀ କରିବା ଉପରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଅଧିକ ଧ୍ୟାନ ଦିଆଗଲେ ନୂଆ ବଜେଟର ସର୍ବାଧିକ ଲାଭ ମିଳିପାରିବ । ଆମ ପାଖରେ ଯେତିକି ସମୟ ଅଛି ତାହାର ସର୍ବାଧିକ ଉପଯୋଗ କରିବାର ଲକ୍ଷ୍ୟ ରହିଛି ।

ମୋର ବିଶ୍ୱାସ ରହିଛି ଯେ ଆପଣମାନଙ୍କ ପାଖରେ ଅଭିଜ୍ଞତା ରହିଛି, ଭିନ୍ନ ଭିନ୍ନ କ୍ଷେତ୍ରର ଅନୁଭବ ରହିଛି । ଆପଣମାନଙ୍କର ବିଚାର, ଅଭିଜ୍ଞତା ଏବଂ କିଛି ନା କିଛି ଦାୟିତ୍ୱ ନେବାର ପ୍ରସ୍ତୁତି ନିଶ୍ଚିତ ଭାବେ ଆମକୁ ବାଂଛିତ ଫଳ ପ୍ରଦାନ କରିବ । ମୁଁ ଆପଣମାନଙ୍କୁ ଏହି ୱେବିନାରରେ ଉତ୍ତମ ବିଚାର ଆଦାନପ୍ରଦାନ କରି ଉପଯୁକ୍ତ କାର୍ଯ୍ୟଖସଡା ପ୍ରସ୍ତୁତ କରିବା ଲାଗି ଅନେକ ଅନେକ ଶୁଭକାମନା ଜଣାଉଛି । ଅନେକ ଅନେକ ଧନ୍ୟବାଦ !!!

(ସୌଜନ୍ୟ : ପିଆଇବି)

## ରାଜ୍ୟଗୁଡ଼ିକୁ ସୂଚନା ଓ ..... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଶାସିତ ପ୍ରଦେଶ ପ୍ରଶାସକମାନଙ୍କୁ ଚିଠି ଲେଖି ଅବଗତ କରାଯାଇଛି । ପତ୍ରରେ ଏହି ଅନୁରୋଧ ମଧ୍ୟ କରାଯାଇଛି ଯେ ଏହି ସୂଚନାକୁ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ସମସ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଅବଗତି ନିମନ୍ତେ ସୂଚୀତ କରାଯିବା ଆବଶ୍ୟକ ।

ଏହି ପତ୍ର ମାଧ୍ୟମରେ ଭାଗ-୩ ଅନ୍ତର୍ଗତ ନିୟମଗୁଡିର ବ୍ୟବସ୍ଥା ସମ୍ପର୍କରେ ପୁଣିଥରେ ସ୍ପଷ୍ଟ କରିଦିଆଯାଉଛି । ଏହା ଡିଜିଟାଲ ସମାଚାର ଏବଂ ସମ-ସାମୟିକ ପ୍ରସଙ୍ଗ ପ୍ରକାଶିତ କରୁଥିବା ପ୍ରକାଶକ ଏବଂ ଅନଲାଇନ ପ୍ରଦର୍ଶିତ ବିଷୟବସ୍ତୁ (ଓଟିଟି ପ୍ଲାଟଫର୍ମ)ର ପ୍ରକାଶକମାନଙ୍କ ସହ ଜଡିତ । ଏହି ପତ୍ରରେ କୁହାଯାଇଛି ଯେ ଏହି ନିୟମରେ ଏପରି ଆଚାର ସଂହିତା ଉପଲବ୍ଧ କରାଯାଇଛି, ଯାହାକୁ ଡିଜିଟାଲ ସମାଚାର ପ୍ରକାଶକ ଏବଂ ଓଟିଟି ବିଷୟବସ୍ତୁ ପ୍ରକାଶକମାନେ ପାଳନ କରିବେ । ଏଥିରେ ବୟସ ଆଧାରିତ ପାଂଚ ପ୍ରକାରର ବର୍ଗୀକରଣ ମଧ୍ୟ ସାମିଲ ରହିଛି । ଏହାବ୍ୟତୀତ, ଏସବୁ ନିୟମ ଅନୁଯାୟୀ, ଏକ ତ୍ରିସ୍ତରୀୟ ଅଭିଯୋଗ ସମାଧାନ ବ୍ୟବସ୍ଥାର ମଧ୍ୟ ଆବଶ୍ୟକତା ରହିବ ଯେଉଁଥିରେ ପ୍ରକାଶକ (ସ୍ତର-୧), ପ୍ରକାଶକମାନଙ୍କ ଦ୍ୱାରା ଗଠିତ ସ୍ୱ-ନିୟମନ ସଂସ୍ଥା(ସ୍ତର-୨) ଏବଂ ସରକାରଙ୍କ ଅନୁଧ୍ୟାନ ବ୍ୟବସ୍ଥା (ସ୍ତର-୩) ସାମିଲ ରହିବ । ଏହାଫରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଅଭିଯୋଗ ସମାଧାନ ପାଇଁ ଏକ ବ୍ୟବସ୍ଥା ବିକଶିତ ହୋଇପାରିବ । ଶେଷରେ ଏହି ନିୟମଗୁଡିକ ଅନୁଯାୟୀ, ପ୍ରକାଶକମାନଙ୍କ ସରକାରଙ୍କ ସମ୍ମୁଖରେ ସୂଚନା ଉପସ୍ଥାପନ କରିବାକୁ ହେବ ଏବଂ ସାର୍ବଜନୀନ ପରିଧିରେ ଅଭିଯୋଗ ସମାଧାନ ସମ୍ପର୍କରେ ସୂଚନା ନିର୍ଦ୍ଧାରିତ ସମୟରେ ପ୍ରଦାନ କରିବାକୁ ହେବ ।

ସୂଚନା ପ୍ରଯୁକ୍ତି ଆଇନ, ୨୦୦୦ ଅନ୍ତର୍ଗତ ସୂଚନା ପ୍ରଯୁକ୍ତି (ମଧ୍ୟସ୍ଥ ସଂସ୍ଥାନଗୁଡିକ ଲାଗି ଦିଶା-ନିର୍ଦ୍ଦେଶ ଏବଂ ଡିଜିଟାଲ ମିଡିଆ ଆଚାର ସଂହିତା) ନିୟମାବଳୀ ୨୦୨୧କୁ ୨୫ ଫେବୃଆରୀ, ୨୦୨୧ରେ ଅଧିସୂଚୀତ କରାଯାଇଥିଲା ।


**AFFIDAVIT**

Before The Notary Civil Court Balangir, I Ranjita Gupta W/o Bijendra Prasad Gupta, R/o - Mandiapadar, PO - Hirapur, PS - Loisingha, Dist - Balangir (Odisha) Declare That Bijendra Prasad Gupta and Bijendra Prasad is a same and one person, but the name of my husband has been wrongly mentioned in Passport of my son Laksh Gupta as the son of Bijendra Prasad. Actually Name of my husband is Bijendra Prasad Gupta.


## ଶ୍ରୀ ଜଗନ୍ନାଥ.... (ଚତୁର୍ଥ ପୃଷ୍ଠାରୁ)

ଶୁଣାଇଥାଏ । ଉତ୍କଳୀୟ ସଂସ୍କୃତିର ଜଟିଳ, ଗଭୀର, ବ୍ୟାପକ ଓ ଗୁରୁତତ୍ତ୍ୱ ମାଧ୍ୟମରେ ବିଶ୍ୱପ୍ରେମର ପ୍ରତୀକ ରୂପେ ରଥଯାତ୍ରା ଅନୁଷ୍ଠିତ ହୁଏ ।

ଜଗନ୍ନାଥ ହେଉଛନ୍ତି ମର୍ଯ୍ୟାଦାର ପ୍ରତୀକଓ ତାଙ୍କ ରଥ ନନ୍ଦିଘୋଷ ହେଉଛି ଆନନ୍ଦ ବିତରଣକାରୀ ।ବଳଭଦ୍ର ହେଉଛନ୍ତି କର୍ମର ପ୍ରତୀକ ଓ ତାଙ୍କ ରଥ ତାଳଧ୍ୱଜ କର୍ମ ପ୍ରବଣତାର ପ୍ରତୀକ । ସୁଭଦ୍ରା ହେଉଛନ୍ତି ଶକ୍ତିର ପ୍ରତୀକ ଓ ତାଙ୍କ ରଥ ଦର୍ପଦଳନ ହେଉଛି ଅହଙ୍କାର ନାଶକାରୀ । ଲୋହିତ ବର୍ଣ୍ଣ ସୁଦର୍ଶନ ହେଉଛନ୍ତି ସମଗ୍ର ମାନବ ଜାତିର ନ୍ୟାୟର ପ୍ରତୀକ । ସାମ୍ୟ, ମୈତ୍ରୀ, ସଂହତି, ଶାନ୍ତି, ପ୍ରେମ ସହଯୋଗ, ଉଦାରତା, ଜ୍ଞାନ, କର୍ମ, ଶକ୍ତି, ଭକ୍ତି ଓ ସର୍ବଧର୍ମ ସମନ୍ୱୟର ପ୍ରତୀକ ହେଉଛନ୍ତି ରତ୍ନସିଂହାସନର ଏଇ ଚତୁର୍ଦ୍ଧାମୂର୍ତ୍ତି । ବିଶ୍ୱଭ୍ରାତୃତ୍ୱକୁ ନେଇ ସଂସାର ପଥରେ ଶୁଦ୍ଧ ଜୀବନ ଯାତ୍ରା ହେଉଛି ରଥଯାତ୍ରାର ଲକ୍ଷ୍ୟ ।

ଶ୍ରୀ କ୍ଷେତ୍ରରେ ପୁରୁଷ ଓ ନାରୀ ସମସ୍ତଙ୍କୁ ଅର୍ଥାତ ଉଭୟଙ୍କୁ ସମାନ ସ୍ଥାନ ଦିଆଯାଇଛି । ଲକ୍ଷ୍ମୀ ଜଗନ୍ନାଥଙ୍କ ପତ୍ନୀ ହେଲେ ହେଁ ଶକ୍ତିମୟୀ ଭଉଣୀ ସୁଭଦ୍ରା ରଥରେ ବସି ଭାଇମାନଙ୍କ ସହିତ ଯାତ୍ରା କରିଛନ୍ତି । ସ୍ୱାମୀ ନିକଟରେ ସ୍ତ୍ରୀ ଯେପରି ଅପରିହାର୍ଯ୍ୟ, ଭଉଣୀ ନିକଟରେ ଭାଇ ସେହିପରି ଅପରିହାର୍ଯ୍ୟ । ଭାଇ ନିକଟରେ ସ୍ନେହ ଓ ମମତାର ପ୍ରତୀକ ହୋଇ ଭଉଣୀ ଯେପରି ଠିଆ ହୁଏ, ସ୍ୱାମୀ ନିକଟରେ ପ୍ରେମ, ପ୍ରେରଣାଦାତ୍ରୀ ଓ ଶକ୍ତିମୟୀ ରୂପେ ସ୍ତ୍ରୀ ସେପରି ଠିଆ ହୁଏ ।

ରାଜକୀୟ ଆଡମ୍ବର ସହ ଉତ୍କଳ ଗଜପତି ମହାରାଜ ଆସି ରଥରେ କରୁଥିବା ଛେରାପହଁରା କାର୍ଯ୍ୟ କରନ୍ତି । ଅହଙ୍କାର ଶୂନ୍ୟ ହୋଇ ଗଜପତି ରଥ ଉପରେ କରୁଥିବା ଛେରାପହଁରା କାର୍ଯ୍ୟ ସେବା ଓ କର୍ମର ପ୍ରତୀକ । ରଥରୂପୀ ଶରୀରକୁ ନିର୍ମଳ ରଖିବା ଏକାନ୍ତ ଆବଶ୍ୟକ । ଏଣୁ ଆମ ଜଗନ୍ନାଥ ସଂସ୍କୃତି ସ୍ୱାତନ୍ତ୍ର୍ୟର ବହୁ ଉର୍ଦ୍ଧ୍ୱରେ । ପ୍ରଭୁ ଶ୍ରୀମନ୍ଦିରରେ ରାଜକୀୟ ଐଶ୍ୱର୍ଯ୍ୟ ଲୀଳା ସଂରଚନା କରୁଥିଲେ ହେଁ ଅଗଣିତ ଭକ୍ତଙ୍କ ସହିତ ମାଧୁର୍ଯ୍ୟ ଲୀଳା ରଚନା କରିବା ପାଇଁ ରତ୍ନସିଂହାସନରୁ ଦାଣ୍ଡକୁ ଓହ୍ଲାଇ ଆସନ୍ତି । ଭକ୍ତମାନଙ୍କର ନୃତ୍ୟ, ଗୀତ, ସଂକୀର୍ତ୍ତନ ଇତ୍ୟାଦି ରଥଯାତ୍ରାକୁ ଜୀବନ୍ତ ଓ ମଧୁମୟ କରିଦିଅନ୍ତି । ଏହି ତ ବୈକୁଣ୍ଠ ।

ଅବନ୍ତୀରାଜ ଇନ୍ଦ୍ରଦ୍ୟୁମ୍ନ ସ୍ୱପ୍ନାଦେଶରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ବ୍ୟାକୁଳ ହେଲେ । ଚାରିଦିଗକୁ ଲୋକ ପଠାଇ ଅନୁସନ୍ଧାନ ନେବା ପରେ ମନ୍ତ୍ରୀ ବିଦ୍ୟାପତି ସନ୍ଧାନ ପାଇଲେ । ବିଶ୍ୱାବସୁଙ୍କ ପାଖରେ ପହଞ୍ଚି ବହୁ ଚେଷ୍ଟା ପରେ ସୋରିଷ ବୁଣି ଗଛ ଉଠି ଫୁଲ ଫୁଟିବା ପରେ ପ୍ରକୃତ ସ୍ଥାନରେ ବିଶ୍ୱାବସୁଙ୍କୁ ଅନୁସରଣ କରି ପହଞ୍ଚିଲେ । ତାହା ଥିଲା ଅଗମ୍ୟ ସ୍ଥଳି । ବିଶ୍ୱାବସୁଙ୍କ କନ୍ୟାକୁ ବିଦ୍ୟାପତି ବିବାହ କରି ବିଶ୍ୱାସ ଭାଜନ ହୋଇ ଗଲେ । ସର୍ବଶେଷରେ ମାଳା ଗୋଟିଏ ଧରି ଓ ମହାପ୍ରସାଦ ଧରି ବିଶ୍ୱାବସୁଙ୍କଠାରୁ ବିଦାୟ ନେଲେ, ଅବନ୍ତୀ ରାଜ ଇନ୍ଦ୍ରଦ୍ୟୁମ୍ନଙ୍କୁ ସମ୍ବାଦ ଦେବାକୁ ।

ମାଳବର ରାଜା ଇନ୍ଦ୍ରଦ୍ୟୁମ୍ନ ପୃଥିବୀ ବିଖ୍ୟାତ ଅବନ୍ତୀ ନଗରୀରେ ବାସ କରୁଥିଲେ । ଭାଗବାନଙ୍କ ଚରଣାର ବିନ୍ଦରେ ସମର୍ପିତ ହୋଇ ଅଦ୍ଭୁତ ପ୍ରଶ୍ନ ତାଙ୍କ ମନକୁ ଆସୁଥିଲା । ସେ ବ୍ୟାକୁଳ ହୋଇ ସାଧୁ, ସନ୍ଥ, ତୀର୍ଥ ପର୍ଯ୍ୟଟକ ଓ ଅଧ୍ୟାତ୍ମବାଦୀ ମାନଙ୍କୁ ପଚାରୁଥିଲେ "ହେ ସଜ୍ଜନ ବୃନ୍ଦ ! ଆପଣମାନେ ସେ ଧାମଟି କେଉଁଠି ଜାଣିଛନ୍ତି କି ଯେଉଁଠି ମୁଁ ଏ ଚର୍ମଚକ୍ଷୁରେ ଜଗନ୍ନାଥଙ୍କୁ ସାକ୍ଷାତ ଦର୍ଶନ କରିପାରିବି ? ରାଜଙ୍କର ଦୃଢ ସଂକଳ୍ପ ଯେ ଚର୍ମଚକ୍ଷୁରେ ହିଁ ଜଗନ୍ନାଥଙ୍କୁ ଦେଖିବେ ତାଙ୍କର ଏହି ମନୋଭାବ ଜାଣି ଜଣେ ତୀର୍ଥଗାମୀ ନିଜ ହସ୍ତଯୋଡି ରାଜାଙ୍କୁ ଆନନ୍ଦରେ କହିଲେ ଯେ ସେ ଅନେକ ତୀର୍ଥ ଭ୍ରମଣ କରିଛନ୍ତି ଓ ବହୁ ଲୋକ ମୁଖରୁ ଶୁଣିଛନ୍ତି ଯେ ଭାରତ ବର୍ଷର ଉଡ୍ର ନାମକ ଖ୍ୟାତ ଦେଶର ଦକ୍ଷିଣ ସମୁଦ୍ର ତୀରରେ ପୁରୁଷୋତ୍ତମ ନାମକ କ୍ଷେତ୍ର ରହିଛି । ତନ୍ମଧ୍ୟରେ ନୀଳ ପର୍ବତ ବିଦ୍ୟମାନ ତା'ର ଚତୁର୍ଦ୍ଦିଗ ନାନାବିଧ ବୃକ୍ଷଲତାରେ ପରିପୂର୍ଣ୍ଣ । ପର୍ବତର ମଧ୍ୟ ସ୍ଥଳରେ ମନୋହର କଳ୍ପବୃକ୍ଷଟି ଶୋଭା ବର୍ଦ୍ଧନ କରୁଛି । ଦକ୍ଷିଣ ଦିଗରେ ରୋହିଣୀ ନାମକ କୁଣ୍ଡ ଅଛି । ଉକ୍ତ କୁଣ୍ଡର ପୂର୍ବ ଭାଗରେ ନୀଳକାନ୍ତମଣି ନିର୍ମିତ ବାସୁଦେବଙ୍କ ଏକ ମୂର୍ତ୍ତି ଅଛି । ନୀଳଗିରିର ପଶ୍ଚିମ ଦିଗରେ 'ଶବର ଦୀପକ' ନାମରେ ଆଶ୍ରୟ ସ୍ଥଳଟିଏ ରହିଛି । ସେହି ସ୍ଥାନରୁ ବିଷ୍ଣୁଙ୍କ ନିକଟକୁ ଯାତ୍ରା କରାଯାଏ । ଯାତ୍ରା ସମୟରେ ସାବଧାନରେ ଯିବାକୁ ହୁଏ । ସେଠାରେ ଜଗନ୍ନାଥ ସାକ୍ଷାତ ଶଙ୍ଖ, ଚକ୍ର ଓ ଗଦା ଧାରଣ କରି ଅବସ୍ଥାନ କରୁଛନ୍ତି । ତାଙ୍କ ଦର୍ଶନ ମାତ୍ରେ ଜୀବକୁ ମୁକ୍ତି ମିଳେ । ପ୍ରବାଦ ଅଛି ଏକ କାଳପକ୍ଷୀ ନୀଳମାଧବଙ୍କୁ ଦର୍ଶନ କରି ମୁକ୍ତି ଲାଭକଲା । ସେହି ତୀର୍ଥଗାମୀ ବ୍ୟକ୍ତିଙ୍କ ବୁଦ୍ଧି ନିର୍ମଳ ଥିବାରୁ ସେ ସମସ୍ତଙ୍କ ଠାରେ ବିଷ୍ଣୁ ରୂପ ଦର୍ଶନ କରନ୍ତି । ସେ ଜଣେ ଜଟିଳ ତପସ୍ୱୀ ଥିଲେ । ରାଜଙ୍କୁ ଏ ସବୁ ବୃତ୍ତାନ୍ତ ଜଣାଇ ହଠାତ୍ ଅନ୍ତର୍ଦ୍ଧାନ ହୋଇଗଲେ । ଭଗବାନ ସନ୍ନ୍ୟାସୀ ରୂପରେ ମୁହାମୁହିଁ ଏପରି ଉପଦେଶ ଦେବାର କାର୍ଯ୍ୟ ତାତ୍ପର୍ଯ୍ୟ କ'ଣ ? ଏହାର ତାତ୍ପର୍ଯ୍ୟ ହେଉଛି ଭଗବାନ କରୁଣା କଲେ ପ୍ରଥମେ ପରମାତ୍ମା ରୂପରେ ଶିକ୍ଷା ଦିଅନ୍ତି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ପୁରୁଷୋତ୍ତମ ଧାମର ମହତ୍ୱ ଅବଗତ କରାଇବା ପାଇଁ ଭଗବାନ ଏକ ଜଟିଳ ସନ୍ନ୍ୟାସୀ ରୂପରେ ଦେବାର୍ଚ୍ଚନ ଗୃହରେ ପ୍ରକଟ ହୋଇଥିଲେ ବୋଲି ସ୍କନ୍ଦପୁରାଣରୁ ସୂଚନା ମିଳେ ।

ସେହି ଜଟିଳ ତପସ୍ୱୀଙ୍କ ବାଣୀ ଶୁଣି ଶୁଣି ରାଜା କୁଳ ପୁରୋହିତଙ୍କୁ ଲକ୍ଷ୍ୟ କରି ବିସ୍ମିତ କଣ୍ଠରେ କହିଲେ, ହେ ଗୁରୁଦେବ ! ଏହି ଆଶ୍ଚର୍ଯ୍ୟ ବୃତ୍ତାନ୍ତ ଶୁଣି ଯେଉଁ ପ୍ରଭୁ ଅଛନ୍ତି ସେହି ସ୍ଥାନକୁ ଯିବାକୁ ମୋର ମନ ଉଚ୍ଛନ୍ନ ହେଉଛି । ପୁରୋହିତ ରାଜଙ୍କୁ ମୁକ୍ତିଦାତା କେଶବଙ୍କ ଦର୍ଶନର ବ୍ୟବସ୍ଥା କରିବାକୁ ପ୍ରବୋଧନା ଦେଲେ । କହିଲେ ସେହି ମହାପୁଣ୍ୟ ପୁରୁଷୋତ୍ତମ କ୍ଷେତ୍ରକୁ ଯାଇ ଆମ୍ଭେମାନେ ବସବାସ କରିବା । ଆପଣଙ୍କ ଦେଶ ପର୍ଯ୍ୟଟକ ଅନୁଚରମାନଙ୍କ ସହିତ ମୋର କନିଷ୍ଠ ଭ୍ରାତା ବିଦ୍ୟାପତି ସେହି କ୍ଷେତ୍ରକୁ ଯିବେ । ସେ ନୀଳକନ୍ଦରରେ ଶ୍ରୀ ଜଗନ୍ନଥଙ୍କୁ ଦର୍ଶନ କରି ବାସୋପଯୋଗୀ ସ୍ଥାନ ନିର୍ଣ୍ଣୟ କରି ପରେ ସମ୍ବାଦ ଦେବେ ।

ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଅନୁରୋଧକୁ ଏବଂ ଜ୍ୟେଷ୍ଠ ଭ୍ରାତାଙ୍କ ଆଦେଶକୁ ଶିରୋଧାର୍ଯ୍ୟ କରି ବିଦ୍ୟାପତି ରଥରେ ଚଢିଲେ ଓ ଶ୍ରୀ ଜଗନ୍ନଥଙ୍କୁ ସ୍ମରଣ କରି କରି ପୁରୁଷୋତ୍ତମ କ୍ଷେତ୍ର ଅଭିମୁଖେ ଯାତ୍ର କଲେ । ତାଙ୍କଜନ୍ମ ଆଜି ସାର୍ଥକ ହେଲା ବୋଲି ଚିନ୍ତାକଲେ । ତାଙ୍କର ପରମ ସୌଭାଗ୍ୟ ସେ ପାପନାଶକାରୀ ଭଗବାନଙ୍କ ମୁଖାରବିନ୍ଦ ଦର୍ଶନ କରିବେ । ନୀଳପର୍ବତର ପଶ୍ଚାତ ଭାଗରେ ଭଗବତ୍ ଭକ୍ତି ବିଷୟକ ଚର୍ଚ୍ଚା ହେବାର ଶୁଣିବାକୁ ପାଇଲେ । ସେମାନଙ୍କ ବଚନ ଶୁଣି ବିଦ୍ୟାପତି ଆନନ୍ଦିତ ହେଲେ ଶବର ମାନଙ୍କ ବାସଗୃହ ବେଷ୍ଟିତ ସ୍ଥାନଟି 'ଶବରାଳୟ' ନାମରେ ବିଖ୍ୟାତ ଥିଲା । ସେଠାରେ ବିଦ୍ୟାପତି ଯାହାଙ୍କୁ ଦେଖିଲେ ବିଷ୍ଣୁଙ୍କ ସ୍ୱରୂପ ଭାବରେ ହାତଯୋଡି ପ୍ରଣାମ କରି ସେଇଠି ରହି ଶବର ମାନଙ୍କ ମୁଖରୁ ହରି କଥା ଶ୍ରବଣ କରିବାର ସୌଭାଗ୍ୟ ଅର୍ଜନ କଲେ । ବିଦ୍ୟାପତି ଶ୍ରଦ୍ଧାନ୍ୱିତ ହୋଇ ସାଧୁମାନଙ୍କ ଗହଣରେ ରହୁଥାନ୍ତି । ହରିକଥା ଶ୍ରବଣ ସୌଭାଗ୍ୟ କେବଳ ଜଗନ୍ନାଥଙ୍କ ଅହୈତୁକ କୃପା ମାତ୍ର ।

ବିଦ୍ୟାପତି ହରି କଥା ଶୁଣୁଥିବା ବେଳେ ବିଶ୍ୱାବସୁ ନାମକ ଏକ ବୃଦ୍ଧ ଶବର ଶ୍ରୀହରିଙ୍କ ପୂଜା ସାରି ଛଡା ଚନ୍ଦନ ଦ୍ୱାରା ସୁଶୋଭିତ ହୋଇ ଫେରୁଛନ୍ତି । ଆଧ୍ୟାତ୍ମିକ ଆନନ୍ଦରେ ସେ ବିଭୋର ହୋଇଛନ୍ତି । ଏହା ଦେଖି ବିଦ୍ୟାପତି ନିଜକୁ ଭାଗ୍ୟବାନ ମନେକଲେ କାରଣ ବିଷ୍ଣୁଙ୍କ ଚରଣାଶ୍ରିତ ମହାତ୍ମାଙ୍କ ଦର୍ଶନ ମିଳିଲା । ଆଶାକଲେ ଏହାଙ୍କ ନିକଟରୁ ଦେବ ଦୁର୍ଲଭ ବିଷ୍ଣୁଙ୍କ ବାର୍ତ୍ତା ଶ୍ରବଣ କରିବେ । ହରିଙ୍କ ଦର୍ଶନରେ ଯେଉଁ ଫଳ ମିଳେ, ହରି ଚରଣାଶ୍ରିତ ସାଧୁଙ୍କ ଦର୍ଶନରେ ତତୋଧିକ ପୁଣ୍ୟଫଳ ମିଳେ । ବିଶ୍ୱାବସୁ ଶବର ବିଦ୍ୟାପତିଙ୍କୁ ପଚାରିଲେ, "ହେ ବିପ୍ର ! କେଉଁ ଠାରୁ ଆସି ଏହି ସୁଦୂର କାନନ ମଧ୍ୟରେ ପ୍ରବେଶ କରିଛ ? ତୁମେ କ୍ଷୁଧା, ତୃଷା ପ୍ରପୀଡିତ ଓ ଶ୍ରାନ୍ତ ହୋଇଛ । ସେ ତପ୍ରରେ ବିଦ୍ୟାପତି ଦ୍ୱିଜଙ୍କୁ ପାଦ୍ୟ ଆସନ ଓ ଅର୍ଘ୍ୟ ଦେଇ ଅତିଥି ସତ୍କାର କଲେ ସେ ଫଳାହାର ଦ୍ୱାରା କି ପାକ ଦ୍ୱାରା ପ୍ରାଣରକ୍ଷା କରିବେ ପଚାରିଲେ ।

(ଏକ ବୃହତ୍ ପ୍ରବନ୍ଧରୁ କିଛି ଅଂଶ)

# ଶ୍ରୀମୟୀ ମିଶ୍ର କଲେ ଲୋକାର୍ପିତ : ବଲାଙ୍ଗିର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା



ବଲାଙ୍ଗିର, (ନିପ୍ର) : ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଅଧକ୍ଷା ଶ୍ରୀମୟୀ ମିଶ୍ର ଆଜି ବଲାଙ୍ଗିର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଟିଏ ୱାଟର୍ କୁଲର ଓ ପ୍ୟୁରିଫାୟର ମେସିନ୍ ଏବଂ ଗୋଟିଏ ସାନିଟାଇଜ୍ ସ୍ପ୍ରେ ମେସିନକୁ ଲୋକାର୍ପିତ କରିଛନ୍ତି । ସ୍କୁଲର ଛାତ୍ରୀ ଓ ଶିକ୍ଷୟିତ୍ରୀମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ଏହା ସହାୟକ ହେବା ସହ କୋଭିଡ୍ ସମୟରେ ମଧ୍ୟ ସେମାନେ ସହଜରେ ନିଜକୁ ସାନିଟାଇଜ୍ କରି ରଖିପାରିବେ ।

ଓଟିଡିସି ଅଧକ୍ଷା ଶ୍ରୀମତୀ ମିଶ୍ର ମୋ' ସ୍କୁଲ ଅଭିଯାନ ଅନ୍ତର୍ଗତ ବଲାଙ୍ଗିର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିବା ପରେ ଆଜି ସେଠାକୁ ପରିଦର୍ଶନରେ ଯାଇ ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କ ସହ ସ୍କୁଲର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ସ୍କୁଲ କର୍ତ୍ତୃପକ୍ଷଙ୍କ ଅନୁରୋଧରେ ସ୍କୁଲ ପରିସରରେ ଶ୍ରୀମତୀ ମିଶ୍ର ୱାଟର୍ କୁଲର୍ ଓ ସାନିଟାଇଜ ସ୍ପ୍ରେ ମେସିନକୁ ସ୍ଥାପନ କରାଇଛନ୍ତି ।

ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କ ସହ ଆଲୋଚନା କରିବା ପରେ ସ୍କୁଲର କେଉଁସବୁ ଭିତ୍ତିଭୂମିର ଅଭାବ ରହିଛି ଓ କ'ଣ ବିକାଶର ଆବଶ୍ୟକତା ତା'ର ଏକ ତାଲିକା ପ୍ରସ୍ତୁତ କରି ଦେବାକୁ ଓଟିଡିସି ଅଧକ୍ଷା ଶ୍ରୀମତୀ ମିଶ୍ର ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସ୍କୁଲର ସାମଗ୍ରିକ ଭିତ୍ତିଭୂମି ବିକାଶ ଦିଗରେ ସେ ବ୍ୟକ୍ତିଗତ ଭାବେ ଉଦ୍ୟମ କରିବେ ବୋଲି ଶ୍ରୀମତୀ ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି ।

ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ଶ୍ରୀମତୀ ମିଶ୍ର ପିଲା ଦିନେ ପଢ଼ିଥିବା ନିଜ ସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିଛନ୍ତି । ସ୍କୁଲର ଛାତ୍ରଛାତ୍ରୀ ତଥା ଶିକ୍ଷୟତ୍ରୀମାନେ ଶ୍ରୀମୟୀଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।




# ପୋଲିସ ହାତରେ ଧରାପଡ଼ିଲା ଚୋର : ଚୋରି ସାମଗ୍ରୀ ଜବତ



ବଲାଙ୍ଗିର, (ନିପ୍ର) : ପୋଲିସ ହାତରେ ଧରାପଡ଼ିଛି ଜଣେ ଚୋର । ତା'ଠାରୁ ଚୋରି ସାମଗ୍ରୀ ମଧ୍ୟ ଜବତ୍ କରିବାରେ ବଲାଙ୍ଗିର ଟାଉନ୍ ପୋଲିସକୁ ସଫଳତା ମିଳିଛି । ପ୍ରାପ୍ତ ସୂଚନା ଅନୁସାରେ ସ୍ଥାନୀୟ ରାଜୀବନଗର ନିବାସୀ ମହେନ୍ଦ୍ର କୁମାର ପଣ୍ଡା ସେ ଘରେ ଅନୁପସ୍ଥିତ ଥିବା ବେଳେ ଗତ ୨୫ ତାରିଖ ଦିନ ତାଙ୍କ ଘରର ତାଲା ଭାଙ୍ଗି ଆଲ୍‌ମିରାରୁ ୪ ତୋଳା ସୁନା, ୧୫ ହଜାର ଟଙ୍କା ଏବଂ ଏକ ପୋକୋ ସିମ ମୋବାଇଲ୍ ଫୋନ୍ କେହି ଜଣେ ଦୁର୍ବୃତ୍ତ ଚୋରି କରି ନେଇଥିବା ଆଦର୍ଶ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି କେସ ନଂ.୧୪୧/୨୬.୨.୨୦୨୧ ଦଫା ୪୫୭/୩୮୦ ଆଇପିସି ଆଧାରରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା । ତେବେ ଏହି ଚୋରି ଘଟଣାରେ ସ୍ଥାନୀୟ ଡେମ୍‌ପଡ଼ା ନିବାସୀ ରାଜେଶ ସେଠ(୨୦) ସଂପୃକ୍ତ ଥିବା ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ରାଜେଶର ଘର ଉପରେ ଚଢ଼ଉ କରି ତାକୁ ଗିରଫ୍ କରାଯାଇଥିଲା । ପଚରା ଉଚୁରା ବେଳେ ରାଜେଶ ରାଜୀବନଗରର ରୋସନ ସେଠ ସହ ମିଶି ଚୋରି କରିଥିବା ଓ ଚୋରି ସାମଗ୍ରୀ ଦୁହେଁ ଭାଗବଣ୍ଟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିବା ସୂଚନାରେ କୁହାଯାଇଛି । ଅଭିଯୁକ୍ତଠାରୁ ଗୋଟିଏ ପୋକୋ ସିମ ମୋବାଇଲ୍ ଫୋନ୍, ଗୋଟିଏ ସୁନାର ନାକ ଫୁଲ, ଗୋଟିଏ ରୂପା ଚେନ, ଏକ ପାୱାର୍ ବ୍ୟାଙ୍କ, ଗୋଟିଏ ସୁନା ଚେନ୍ ଓ ଗୋଟିଏ କାନ ଫୁଲ ଜବତ୍ କରାଯାଇଛି । ଏହି ମାମଲାର ତଦନ୍ତ ଦାୟିତ୍ୱ ଏଏସ୍‌ଆଇ ରଘୁମଣି ମିର୍ଦ୍ଧା ନେଇଥିବା ବେଳେ ଏ ସଂପର୍କରେ ସୂଚନା ପ୍ରଦାନ କରିଛନ୍ତି ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ।

# ଟ୍ରକ୍‌ରୁ ଚାଉଳ ଚୋରି କରିଥିବା ଦୁଇ ଯୁବକ ଧରାପଡ଼ିଲେ : ଚୋରି ଚାଉଳ ଓ ବାଇକ୍ ଜବତ୍ କଲା ପୋଲିସ



ବଲାଙ୍ଗିର, (ନିପ୍ର) : ଟ୍ରକ୍‌ରୁ ଚାଉଳ ଚୋରି କରିଥିବା ଦୁଇ ଯୁବକ ପୋଲିସ ହାତରେ ଧରାପଡ଼ିଥିବା ବେଳେ ଅପରାଧରେ ବ୍ୟବହୃତ ବାଇକ୍ ଓ ଚୋରି ହୋଇଥିବା ଚାଉଳ ଜବତ୍ କରାଯାଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ ଗତ ୪ ତାରିଖ ଦିନ ବଲାଙ୍ଗିର ଟ୍ରକ୍ ଚାଳକ ସଂଘର ସଂପାଦକ ଅଶ୍ୱିନୀ କୁମାର ପଟ୍ଟନାୟକ ୧୫ ଦିନ ପୂର୍ବରୁ ଜିତେନ କୁମାର ମିଶ୍ରଙ୍କ ଟ୍ରକ୍ (ନଂ.ଓଆର୍‌୧୫ପି୪୬୫୫) ଦ୍ୱାରା ତୁଷୁରା ସ୍ଥିତ ଗଣେଶ ରାଇସ୍ ମିଲ୍‌ରୁ ମାଧିଆପାଲି ସିଡବ୍ଲ୍ୟୁସିକୁ ଚାଉଳ ଲୋଡ୍ କରି ନେଉଥିବା ସମୟରେ ପଟେଲ ନର୍ସିଂ ହୋମ୍ ପାଖରେ ଦୁଇ ଜଣ ଯୁବକ ବଜାଜ୍ ପଲ୍‌ସର୍ ବାଇକ୍‌ରେ ଆସି ଚାଉଳ ପ୍ୟାକେଟ୍ ଚୋରି କରିଥିବା ଆଦର୍ଶ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି କେସ୍ ନଂ.୧୫୬/୦୪.୦୩.୨୦୨୧ ଦଫା ୩୭୯/୩୪ ଆଇପିସି ଆଧାରରେ କେସ୍ ରୁଜୁ କରି ଆଦର୍ଶ ଟାଉନ୍ ଥାନା ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲା । ତେବେ ଅନୁସଂଧାନ ବେଳେ ଜଣାପଡ଼ିଲା ଯେ, ଗତ ଫେବୃଆରୀ ୯ ତାରିଖ ଦିନ ୧୨ଟା ସମୟରେ ସଂପୃକ୍ତ ଟ୍ରକ୍‌ରେ ଚାଉଳ ନିଆଯାଉଥିବା ବେଳେ ସାଲେପାଲିର ସିଦ୍ଧାନ୍ତ ସେଠ(୨୦) ଏବଂ ତେଲିଗୋଠପଡ଼ାର ଇଦୁଲ୍ ଖାନ(୧୯) ଏକ କଳା ପଲ୍‌ସର୍ ବାଇକ୍ (ନଂ.ଓଡ଼ି୦୩କ୍ୟୁ୬୮୯୨)ରେ ଆସି ଟ୍ରକ୍‌ରୁ ଗୋଟିଏ ପ୍ୟାକେଟ୍ ଚାଉଳ ଚୋରି କରି ନେଇଥିଲେ । ତେବେ ଅଭିଯୁକ୍ତମାନଙ୍କଠାରୁ ଚୋରି ହୋଇଥିବା ଗୋଟିଏ ପ୍ୟାକେଟ୍ ଚାଉଳ ଏବଂ ବ୍ୟବହୃତ ବାଇକ୍ ପୋଲିସ୍ ଜବତ୍ କରିଥିବା ବେଳେ ଅଭିଯୁକ୍ତ ଦୁଇ ଜଣଙ୍କୁ ଗିରଫ୍ କରିବାରେ ସଫଳ ହୋଇଛି । ଏ ସଂପର୍କରେ ସୂଚନା ପ୍ରଦାନ କରିଛନ୍ତି ଏସ୍‌ଡିପିଓ ଶ୍ରୀମନ୍ତ ବାରିକ । ମାମଲାର ତଦନ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି ଏସ୍‌ଆଇ ଖଗେଶ୍ୱର ଖୋସ୍‌ଲା ।

# ବ୍ଲକ ସ୍ତରୀୟ ତୃତୀୟ ଶ୍ରେଣୀ ମେରିଟ୍ ସ୍କୋଲାର୍‌ସିପ୍‌ରେ ବିଦ୍ୟାଭାରତୀ ଶିଶୁ ସୃଜନିକା ବିଦ୍ୟାଳୟକୁ ମିଳିଲା ସଫଳତା : ୨ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ

ବଲାଙ୍ଗିର, (ନିପ୍ର) : ବ୍ଲକ ସ୍ତରୀୟ ତୃତୀୟ ଶ୍ରେଣୀ ମେରିଟ୍ ସ୍କୋଲାର୍‌ସିପ୍‌ରେ ବଲାଙ୍ଗିର ଶାନ୍ତିପଡ଼ା ସ୍ଥିତ ବିଦ୍ୟାଭାରତୀ ଶିଶୁ ସୃଜନିକା ବିଦ୍ୟାଳୟ ସଫଳତା ହାସଲ କରିଥିବା ବେଳେ ବିଦ୍ୟାଳୟର ୨ ଜଣ ଛାତ୍ରଛାତ୍ରୀ ଏଥିରେ କୃତକାର୍ଯ୍ୟ ହୋଇଥିବା ସୂଚନାରେ କୁହାଯାଇଛି । ତେବେ ତୃତୀୟ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀ କୁମାରୀ ସ୍ନେହା ବେହେରା ଦ୍ୱିତୀୟ ସ୍ଥାନ ହାସଲ୍ କରିଥିବା ବେଳେ ଛାତ୍ର ସ୍ୱପିଳ ଭୁଏ ସପ୍ତମ ସ୍ଥାନ ଅଧିକାର କରିଛନ୍ତି । ଏହି ସଫଳତା ଯୋଗୁଁ ବିଦ୍ୟାଳୟରେ ଆନନ୍ଦର ବାତାବରଣ ଦେଖାଦେଇଛି । ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ପ୍ରତିମା ହୋତା ଏବଂ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ଦେବସ୍ମିତା ବେହେରା କୃତି ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com